ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.254 Bhubaneswar Tuesday November 29 2022 | ୨୫ତମ ବର୍ଷ ସଂଖ୍ୟା-୨୫୪ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୯, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଜିଏସଟି ରେଡ୍: ବିଜେଡିକୁ ବୁମେରାଂ, ଆସନ୍ତାକାଲି ପଦ୍ମପୁର ବନ୍ଦ



ଭୁବନେଶ୍ୱର/ପଦ୍ମପୁର, ୨୮।୧୧ (ପି.ଏନ): ପଦ୍ମପୁର ଉପନିର୍ବାଚନ ପାଇଁ ଏବେ ପ୍ରଚାର ସରଗରମ ରହିଥିବାବେଳେ ଆଜି ସନ୍ଧ୍ୟାରେ ପଦ୍ମପୁର ନିର୍ବାଚନମଣ୍ଡଳୀର ପ୍ରାୟ ୭ଟି ସ୍ଥାନରେ ଜିଏସଟି ରେଡ୍ କରାଯିବା ଶାସକ ବିଜେଡିକୁ ମହଙ୍ଗା ପଡିଛି । ସକାଳେ ପଦ୍ମପୁରରେ ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କ ଘନିଷ୍ଠ ସହଯୋଗୀ ତଥା ବିଜେଡି ସମର୍ଥିତ ୩ଜଣ ବ୍ୟବସାୟୀଙ୍କ ଘରେ ଆଇଟି ରେଡ୍ ପରେ ପ୍ରତିକ୍ରିୟାଶୀଳ ହୋଇ ଶାସକ ବିଜେଡି ସରକାର ଦ୍ୱାରା ସମ୍ବଲପୁର ସିଟି ଜିଏସଟି ଟିମ୍ ?କୁ ଲଗାଇ ବିଜେପି ସମର୍ଥିତ ବ୍ୟବସାୟୀଙ୍କ ଦୋକାନରେ ଆଜି ସନ୍ଧ୍ୟାରେ ଜିଏସଟି ରେଡ୍ କରାଯାଇଛି । ତେବେ ଜିଏସଟି ରେଡକୁ ବିରୋଧ କରି ପଦ୍ମପୁର ବଣିକ ସଂଘ ଆସନ୍ତାକାଲି ପଦ୍ମପୁର ସହରରେ ୧୨ଘଂଟିଆ ବନ୍ଦ ଡାକରା ଦେଇଛି । ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ଘୋଷଣା କରିଛି । ଆଉ ଆଇଟି ରେଡକୁ ଜବାବ ଦେବାକୁ ଯାଇ ଜିଏସଟି ରେଡ୍ କରିବା ଶାସକ ବିଜେଡିକୁ ବୁମେରାଂ ହୋଇଥିବା ଚର୍ଚ୍ଚା ହେଉଛି ।ପଦ୍ମପୁର ବଣିକ ସଂଘର ସଭାପତି ପ୍ରତାପ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜିଏସଟି ରେଡ୍ କରାଯିବା ସମ୍ପୂର୍ଣ୍ଣ ଭାବେ ବେଆଇନ । ରାଜନୀତିକ ଆକ୍ରୋଶ ରଖି ଏଭଳି ହଇରାଣ କରାଯାଉଛି । ରାଜନୀତି ସହ ବ୍ୟବସାୟୀଙ୍କର କୌଣସି ସମ୍ପର୍କ ନାହିଁ । କିନ୍ତୁ ଅନୈତିକ ଭାବେ ଜିଏସଟି ରେଡ୍ କରାଯିବାକୁ କଦାପି ବରଦାସ୍ତ କରାଯିବ ନାହିଁ । ଆସନ୍ତାକାଲି ପଦ୍ମପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବ । ତେବେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ରହିବ ବୋଲି ସେ କହିଛନ୍ତି ।ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ, ସକାଳେ ପଦ୍ମପୁରର ୩ ବ୍ୟବସାୟୀଙ୍କ ବାସଭବନରେ ଆଇଟି ରେଡ୍ କରାଯିବା ପରେ ସନ୍ଧ୍ୟାରେ ନିର୍ବାଚନମଣ୍ଡଳୀର ପ୍ରାୟ ୭ଟି ସ୍ଥାନରେ ସମ୍ବଲପୁର ଜିଏସଟି ଟିମ୍ ପକ୍ଷରୁ ଚ?ଉ ହୋଇଛି । ବିଜେଡି ସମର୍ଥିତ ଏହି ୩ ବ୍ୟବସାୟୀ ଜିଲ୍ଲାର ବିଜେଡି ବିଧାୟକ ସୁଶାନ୍ତ ସିଂ ଓ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଖାସ୍ ଭାବେ ପରିଚିତ । ବିଜେଡି ସରକାର ଏହି ଆଇଟି ରେଡ୍ ପରେ ପ୍ରତିକ୍ରିୟାଶୀଳ ହୋଇ ଆଜି ସମ୍ବଲପୁର ସିଟି ଜିଏସଟି ଟିମକୁ ଲଗାଇ ଅପରାହ୍ନରେ ପଦ୍ମପୁର, ବରଗଡ, ପାଇକମାଲ, ଝାରବନ୍ଧରେ ଏକକାଳୀନ ଜିଏସଟି ଚ?ଉ କରିଛି । ଯାହାକୁ ନେଇ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପଦମପୁରରେ ନବୀନ ପଟ୍ଟନାୟକ ହାଏ ହାଏ ସ୍ଲୋଗାନମାନେ ବ୍ୟବସାୟୀମାନେ ଦେଇଛନ୍ତି । ପଦ୍ମପୁର ନଗର ବିଜେପି ସଭାପତି ସୁନୀଲ ଅଗ୍ରୱାଲଙ୍କ କପଡା ଦୋକାନ 'ଜଗଦମ୍ବା କ୍ଲଥ ଷ୍ଟୋର'ରେ ଜିଏସଟି ରେଡ୍ ହୋଇଥିଲେ ମଧ୍ୟ ଏଭଳି ଭାବେ ବ୍ୟବସାୟୀଙ୍କୁ ହଇରାଣ କରାଯିବା ଅନୁଚିତ୍ ବୋଲି ପଦ୍ମପୁର ବଣିକ ସଂଘ କହିଛି । ଏଭଳି ରେଡ୍ ?କୁ ସଂଘ ନିନ୍ଦା କରିବା ସହ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି ।ସୂଚନାଯୋଗ୍ୟ, ଆଜି ଭୋର ସମୟରୁ ପଦମପୁର ନିର୍ବାଚନମଣ୍ଡଳୀର ୩ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ବାସଭବନରେ ସିଆରପିଏଫ ଉପସ୍ଥିତିରେ ଆଇଟି ରେଡ୍ ହୋଇଥିଲା । ଏହି ୩ ବ୍ୟବସାୟୀ ବିଜେଡି ସମର୍ଥିତ ହୋଇଥିବାରୁ ସେମାନଙ୍କ ଘରେ ଏଭଳି ରେଡ୍ ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା । ଏଭଳି ଆଇଟି ରେଡକୁ ସାଧାରଣରେ ନାପସନ୍ଦ କରାଯାଉଥିବାବେଳେ ବିଜେଡି ସପକ୍ଷରେ ଜନମତ ବ?ଥିଲା । କିନ୍ତୁ ସନ୍ଧ୍ୟା ହେଉ ହେଉ ବିଜେପି ସମର୍ଥିତ ଦୋକାନଗୁଡିକ ଉପରେ ଜିଏସଟି ରେଡ୍ କରି ବିଜେଡି ସରକାର ନିଜ ଗୋଡରେ ନିଜେ କୁରା ?1 ମାରିଛନ୍ତି । ଆଉ ପଦମପୁରରେ ସାଧାରଣ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ବିଜେଡିକୁ ହେବାକୁ ପଡିଛି । ଯାହାର ପ୍ରଭାବ ଆଗାମୀ ଉପନିର୍ବାଚନରେ ବିଜେଡିକୁ ଭୋଗିବାର ଆଶଙ୍କା ରହିଛି ।

## ପଦ୍ମପୁରରେ ୪ ଦିନ ମାରାଥନ୍ ପ୍ରଚାର କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର ,୨୮।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲିଠୁ ୪ ଦିନ ଧରି ମାରାଥନ୍ ପ୍ରଚାର କରିବେ। ଆଜି ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦ୍ୱାରା ପଦ୍ମପୁରରେ ହେବାକୁ ଥିବା ବିଭିନ୍ନ ସାଧାରଣ ସଭା ଓ ରୋଡ୍ ଶୋ' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି । ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନରେନ୍ଦ୍ର ସିଂ ତୋମର, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ପରେ ଧର୍ମେନ୍ଦ୍ର ଆସନ୍ତାକାଲିଠୁ ପ୍ରଚାର ମଇଦାନକୁ ଓହ୍ଲାଇବାର କାର୍ଯ୍ୟକ୍ରମ ରହିଛି ।ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୨୯,୩୦ ଓ ୧ତାରିଖ ୩ଦିନ ଧରି ପାଇକମାଳ ଓ ପଦ୍ମପୁର ବ୍ଲକର ବିଭିନ୍ନ ସ୍ଥାନରେ ଜନସଭା ଓ ରୋଡ୍ ଶୋ' କରିବେ । ୩ ତାରିଖରେ ଝାରବନ୍ଧ ବ୍ଲକରେ ବିଶାଳ ଜନସଭା ଏବଂ ପଦ୍ମପୁରରେ ବାକି ଥିବା ଅଂଚଳରେ ରୋଡ୍ ଶୋ' କରିବେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ସହ ଭାବ ବିନିୟମ ଓ ବାର୍ତ୍ତାଳାପ ମଧ୍ୟ କରିବେ । ପ୍ରଦୀପ ପୁରୋହିତ ସ୍ଥାନୀୟ ନେତା ଓ ତାଙ୍କର ଲୋକପ୍ରିୟତା ରହିଛି, ତେଣୁ ବିଜେପି ଏଠାରେ ଜିତିବା ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି ।ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କର ପାଇକମାଳ ବ୍ଲକରେ ମୋଟ ୩୨ଟି କାର୍ଯ୍ୟକ୍ରମ ରହିଛି । ଏଥିରେ ୬ଟି ଜନସଭା ଓ ବାକି ୨୬ଟି ସ୍ଥାନରେ ରୋଡ୍ ଶୋ' ହେବ। ସେହିପରି ୩୦ତାରିଖରେ ମୋଟ ୧୯ଟି କାର୍ଯ୍ୟକ୍ରମ ରହିଛି । ସେଥିରୁ ପାଇକମାଳ ବ୍ଲକରେ ୨ଟି ଜନସଭା ଓ ୧୨ଟି ରୋଡ୍ ଶୋ' ଏବଂ ଅପରାହ୍ନରେ ପଦମପୁର ବ୍ଲକରେ ୨ଟି ଜନସଭା ଓ ୩ଟି ରୋଡ୍ ଶୋ' ହେବ । ୧ ତାରିଖରେ ପଦମପୁର ବ୍ଲକରେ ୧୨ଟି ସ୍ଥାନରେ ଜନସଭା ଓ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି । ୨ ତାରିଖରେ କେନ୍ଦ୍ରମନ୍ତ୍ରୀଙ୍କର କୌଣସି କାର୍ଯ୍ୟକ୍ରମ ନଥିବାବେଳେ ୩ ତାରିଖରେ ଝାରବନ୍ଧ ବ୍ଲକରେ ବିଶାଳ ଜନସଭା ଓ ଅପରାହ୍ନରେ ପଦମପୁରରେ ରୋଡ୍ ଶୋ' କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି । ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ମଧ୍ୟ ୨ତାରିଖରେ ପଦ୍ମପୁରରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି

## ବୌଦ୍ଧ ଜିଲ୍ଲା ଲକଡ଼ପାୟୁ ଜଙ୍ଗଲରେ ଦୁଇଟି ବିସ୍ଫୋରଣ, ୩ ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ

ବୌଦ୍ଧ,୨୮।୧୧(ପି.ଏନ): ବୌଦ୍ଧ ଜିଲ୍ଲା ଲକଡ଼ପାୟୁ ଜଙ୍ଗଲରେ ଦୁଇଟି ବିସ୍ଫୋରଣ ଘଟଣା ଘଟିଛି । ବନ ବିଭାଗର ୫୦ ଜଣ ବନ କର୍ମଚାରୀ ଓ ସୁରକ୍ଷାକର୍ମୀ ଗଞ୍ଜେଇ ଗଛ ନଷ୍ଟ କରିବା ପାଇଁ ଯାଉଥିବା ସମୟରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରୁ କିଛି ବିଦ୍ୟୁତ ତାର ଜବତ କରାଯାଇଛି ।ପ୍ରତିଦିନ ଶହ ଶହ ଏକର ଜଙ୍ଗଲ ଜମିରେ ଲାଗିଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରୁଛି ବନ ବିଭାଗ ଓ ପୋଲିସ । ଏଭଳି ପଦକ୍ଷେପ ଏବେ ଗଞ୍ଜେଇ ମାଫିଆଙ୍କ ନିଦ ହଜେଇ ଦେଇଛି । କଣ୍ଟାମାଳ ଥାନା ଅନ୍ତର୍ଗତ ଲକଡ଼ପାୟୁ ଘାଟି ରାସ୍ତାରେ ଗାଡି ରଖି ଅତିକ୍ରମ କଲାବେଳେ ଏହି ବିସ୍ଫୋରଣ ଶୁଣିଥିଲେ ବନ କର୍ମଚାରୀ। ଏହି ଘଟଣାରେ ଭୟଭୀତ ହୋଇ ସେଠାରୁ ବନବିଭାଗ କର୍ମଚାରୀମାନେ ଫେରି ଆସିଥିଲେ ।

## ବିଜେଡ଼ି ପାଇକମାଳ ଗଣଦୁଷ୍କର୍ମ ଘଟଣାର ମୁଖ୍ୟ ପ୍ରଯୋଜକ:କଂଗ୍ରେସ

ଭୁବନେଶ୍ୱର, ୨୮।୧୧(ପି.ଏନ): ରାଜ୍ୟର ବିଭିନ୍ନ ଗଣଦୁଷ୍କର୍ମ ଘଟଣାରେ ବିଜେଡ଼ି ନେତା ଓ କର୍ମୀଙ୍କ ସିଧାସଳଖ ସଂପୃକ୍ତି, ସେହି ଦଳ ମହିଳାମାନଙ୍କୁ ସମ୍ମାନ ଦେବାରେ କେତେ ବିଶ୍ୱାସ କରେ, ତାହା ସୂଚାଉଛି ବୋଲି କଂଗ୍ରେସ କହିଛି। ପାଇକମାଳ ଗଣଦୁଷ୍କର୍ମ ପ୍ରସଙ୍ଗ ଉଠାଇ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ସେହି ଅବସ୍ଥା ବୋଲି କଡ଼ା ସମାଲୋଚନା କରିଛନ୍ତି ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ମିଶ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ଦିବଙ୍ଗତ ବିଧାୟକ ଝିଅକୁ ପ୍ରାର୍ଥୀ କରିଛି ବୋଲି ବିଜେଡ଼ି ଯେଉଁ କଥା କହୁଛି, ତାହା କେବଳ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଭୋଟ ହାତେଇବା ଅପଚେଷ୍ଟା। କିନ୍ତୁ ଏ ଦଳ ହେଉଛି ୨୦୦୯ ପାଇକମାଳ ଗଣଧର୍ଷଣ ଘଟଣାର ମୁଖ୍ୟ ପ୍ରଯୋଜକ। ମେ' ୧୦, ୨୦୦୯ ରେ ଜଣେ ୨୪ ବର୍ଷୀୟ ଦଳିତ ଯୁବତୀଙ୍କୁ ଏହି ଦଳର ଛଅଜଣ ସ୍ଥାନୀୟ ନେତା ଓ କର୍ମୀ ଗଣଧର୍ଷଣ କରିଥିଲେ। ଖାଲି ସେତିକି ନୁହେଁ ଅଭିଯୁକ୍ତଙ୍କୁ ଘଂଟ ଘୋଡ଼େଇବାକୁ ମଧ୍ୟ ଚେଷ୍ଟା କରାଯାଇଥିଲା। ଏଥିରେ ବିଜେଡ଼ିର ବ୍ଲକସ୍ତରୀୟ ନେତାମାନେ ସଂପୃକ୍ତ ଥିବାରୁ ଘଟଣାକୁ ଚାପି ଦେବାକୁ ମଧ୍ୟ ଉଦ୍ୟମ ହୋଇଥିଲା। ଦିବଗଂତ ବିଧାୟକ ତଥା ସେତେବେଳର ମନ୍ତ୍ରୀଙ୍କ ପୁତୁରା ମଧ୍ୟ ଏହି ଜଘନ୍ୟ କାଣ୍ଡରେ ସଂପୃକ୍ତ ଥିଲା।

## ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଂଚଳରେ ମଦମୃତ୍ୟୁ ଆଶଙ୍କା : ସୀମା ଟପିଲାଣି ଚୋରା ମଦ କାରବାର

ସାଲେପୁର, ୨୮।୧୧(ପି.ଏନ): ସମଗ୍ର ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ଅଂଚଳରେ ବ୍ୟାପକ ଚୋରା ମଦ କାରବାର ଚାଲିଛି । ମାତ୍ର ସମସ୍ତେ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି । ତେଣୁ ମଦମୃତ୍ତୁ ଆଶଙ୍କା ଉପୁଜିଛି । ଅବକାରୀ ବିଭାଗ ଧରପଗଡ ଧର୍ମକୁ ଆଖିଠାର ସଦୃଶ ହୋଇଥିବା ବେଳେ ପୋଲିସର ପଦକ୍ଷେପ ସଂପୂର୍ଣ୍ଣ ଶିଥିଳ ହୋଇଯାଇଥିବା ଦେଖିବାକୁ ମିଳିଛି । ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡରୁ ବିପୁଳ ପରିମାଣରେ ସ୍ପିରିଟ୍ ଉଭୟ ବ୍ଲକ ଅଂଚଳକୁ ଆସୁଥିବାର ଜଣାଯାଇଛି । ଗତ ବର୍ଷ ଜଣେ ବିଷାକ୍ତ ମଦପିଇ ମୃତ୍ୟୁବରଣ କରିଥିବାର ନଜିର ଥିବା ବେଳେ ପ୍ରଶାସନ ସତର୍କତା ଅବଲମ୍ବନ ନକରିବା ପରିତାପର ବିଷୟ ହୋଇଛି । ତଥାକଥିତ କୁଜିନେତାମାନେ ମଦ ବ୍ୟବସାୟକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରୁଛନ୍ତି । ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖାଯାଇ ମଦ ବ୍ୟବସାୟୀଙ୍କ ସହ ଅବକାରୀ ବିଭାଗର ପଦସ୍ଥ ଅଧିକାରୀମାନେ ହାତମିଳାଇ ଏଭଳି କାର୍ଯ୍ୟ କରୁଥିବା ସାଧାରଣରେ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗର ଅଧିକାରିଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳି ପାରୁନାହିଁ । ଉଭୟ ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ ବେପାରୀଙ୍କ ସାମ୍ରାଜ୍ୟ ବଢି ଚାଲିଥିବା ଜଣାପଡିଛି । ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟିପାତ କରୁନାହିଁ । ଜିଲ୍ଲା ଅଫିସର ଚାପରେ ସମୟେ ସମୟେ ନିର୍ଦ୍ଦିଷ୍ଟ ସ୍ଥାନରୁ କିଛି ମଦ ବେପାରୀଙ୍କୁ ଗିରଫ କରି ବାହା ବାହା ନେବାରେ ପଛାଉ ନାହିଁ । ଚୋରା ସ୍ପିରିଟ, ମଦ କାରବାର ରୋକିବା ପାଇଁ ରାଜ୍ୟ ସରକାର ବିଫଳ ହେଉଥିବାରୁ ଯେକୌଣସି ମୁହୂର୍ତ୍ତରେ ମଦମୃତ୍ୟୁ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅବକାରୀ ବିଭାଗ କର୍ମଚାରୀଙ୍କ ଚୋରା ମଦ ବ୍ୟବସାୟୀଙ୍କ ସହ ଭିତିରି ସମ୍ପର୍କ ଯୋଗୁଁ ରାତ୍ରିରେ ବାର ଏବଂ ଲିକର ଦୋକାନରୁ ରାତିସାରା ଆଗ ତାଲା ପଛ ଖୋଲା ବେପାର ଚାଲିଛି । ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ କାର୍ଯ୍ୟାଳୟ ପାଖରୁ ଆରମ୍ଭ କରି ବହୁ ହୋଟେଲ ବାର୍ ରେ ମଧ୍ୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅସାମାଜିକ ଲୋକମାନେ ଖୁଲମ୍ ଖୁଲା ମଦ ପିଉଥିବାର ଜଣାଯାଇଛି । ଏପରିକି ଉକ୍ତ ଅଂଚଳମାନଙ୍କରେ ସନ୍ଧ୍ୟା ପରେ ମଦୁଆଙ୍କ ଦୌରାମ୍ୟ ବଢିବା ଯୋଗୁ ସ୍ଥାନିୟ ଅଂଚଳର ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ମଦ ପିଇ ରାସ୍ତାରେ ବୋତଲ ଭାଙ୍ଗିବା ଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ସ୍ଥାନରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଦୈନନ୍ଦିନର ଅଭ୍ୟାସ ହୋଇଗଲାଣି । ଉକ୍ତ ଘଟଣା ସଂପର୍କରେ ଅଭିଯୋଗ କରିବା ପାଇଁ ଲୋକେ ଭୟ କରୁଛନ୍ତି । ଏଥିଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏହି ସରକାରୀ କର୍ମଚାରୀ ମାନେ ହାତ ଚିକ୍କଣ ପାଇଁ ଚୋରା ମଦ ବେପାରୀଙ୍କ ସହ ଅସାଧୁ ମେଂଟ କରିଥିବା ସାଧାରଣରେ ଆଲୋଚନା ହେଉଛି ।

## ଗୃହରେ ଅର୍ଚ୍ଚନା ତାତି: ତଥ୍ୟ ଲୁଚାଇଲେ ସରକାର, ବର୍ଷିଲେ ବିରୋଧୀ



ଭୁବନେଶ୍ୱର, ୨୮।୧୧(ପି.ଏନ): ରାଜ୍ୟର ବହୁଚର୍ଚ୍ଚିତ ସେକ୍ସ ସ୍କାଣ୍ଡାଲ ଅର୍ଚ୍ଚନା ନାଗ ପ୍ରସଙ୍ଗରେ ଆଜି ବିଧାନସଭାରେ ରାଜ୍ୟ ସରକାରଙ୍କ ବିଶ୍ୱସନୀୟତାକୁ ନେଇ ବିରୋଧୀ ପ୍ରଶ୍ନ କରିବା ସହ ଘଟଣାକୁ ଚାପିବାକୁ ଉଦ୍ୟମ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି । ଅର୍ଚ୍ଚନା ନାଗ ମାମଲାରେ ଥାନାରେ କେଉଁ ସବୁ ଦଫାରେ କେସ୍ ରୁଜୁ ହୋଇଛି ସେ ନେଇ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କୌଣସି ତଥ୍ୟ ଦେଇନଥିଲେ । କେବଳ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ଦୁଇ ଧାଡି କହି ଚୁପ୍ ରହିଥିଲେ ।ଆଜି ଗୃହରେ ବିଜେପି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ "ସବୁଠି ଏବେ ଗୋଟିଏ କଥା, ସରକାର ଅପରାଧୀଙ୍କ ସୁରକ୍ଷାଦାତା, କୋଟିଏରୁ ଗୋଟିଏ ଅର୍ଚ୍ଚନା ନାଗ ଅପରାଧ ଖିଅଟିଏ' ସଂକ୍ରାନ୍ତ ଆଲୋଚନାରେ ସାମିଲ ହୋଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଥିଲେ । ମୁଖ୍ୟମନ୍ତ୍ରୀ କାହିଁକି ଏହି ଅର୍ଚ୍ଚନା ନାଗ ଘଟଣାରେ ନିରବ । କ'ଣ ବ୍ଲାକମେଲ୍ ହୋଇଛି ତାହା ଜାଣିବାକୁ ସମସ୍ତେ ଚାହୁଁଛନ୍ତି । ଏହି ଘଟଣାରେ ଅନେକ ବଡବଡିଆ ସମ୍ପୃକ୍ତ ଓ ଫଟୋ ଥିଲେ ମଧ୍ୟ ପୁଲିସ ଥରୁଟିଏ ବି ସେମାନଙ୍କୁ ଡାକି ନାହିଁ । ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି । ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ୍ୟ କେଉଁ ଦଫାରେ ଏହି କେସ୍ ହୋଇଛି ସେ କଥା ମନ୍ତ୍ରୀ କହିନାହାନ୍ତି । ପୁଲିସ ତଦନ୍ତରେ ଯାହାଙ୍କୁ ଛାଡିଥିଲା, ଇଡି ସେମାନଙ୍କୁ ଗିରଫ କରୁଛି । ୨୦କୋଟି ଟଙ୍କାର ଆଇଟି ସ୍କାମ ହୋଇଥିବା ଅଭିଯୋଗ ହେଉଛି । ତେଣୁ ଗୃହ ରାଷ୍ଟ୍ରମନ୍ତ୍ରୀ ସଠିକ୍ ତଥ୍ୟ ଆଣି ଗୃହରେ ଉପସ୍ଥାପନ କରନ୍ତୁ । ଏହି ଘଟଣାରେ ମୁହଁ ଖୋଲିବାକୁ ବୋଧହୁଏ ମୁଖ୍ୟମନ୍ତ୍ରୀ ଭୟ କରୁଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଥିଲେ ।ସେହିପରି ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ କହିଥିଲେ ଯେ, ଅର୍ଚ୍ଚନା ନାଗ ପ୍ରସଙ୍ଗ ହେଉଛି ରାଜ୍ୟର ସବୁଠୁ ବଡ ସେକ୍ସ ସ୍କାଣ୍ଡାଲ ଓ ଏଥିରେ ଆର୍ଥିକ ଅପରାଧ ମଧ୍ୟ ହୋଇଛି । ଶାସକ ଦଳର ଅନେକ ନେତା,ମନ୍ତ୍ରୀ, ବିଧାୟକ, ସରକାରୀ ଅଫିସର, ଠିକାଦାର, ବିଲଡର ଆଦି ଏଥିରେ ସମ୍ପୃକ୍ତ ଅଛନ୍ତି । ୫ଟି ଡାଏରୀ ଓ ୪ଟି ଲାପଟପ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ତା'ର ମେଲ୍ ଆଇଡିରୁ ୬୪ଜଣଙ୍କ ଫଟୋ ମିଳିଛି । ଏସବୁ ଅପରାଧୀଙ୍କୁ ଖସାଇ ଦେବାକୁ ଉଦ୍ୟମ ହେଉଛି । ଏହି ମାମଲାରେ ଇଡିକୁ ରାଜ୍ୟ ପୁଲିସ ସହଯୋଗ କରୁଛି ତ ବୋଲି ସେ ପ୍ରଶ୍ନ କରିବା ସହ ପୁଲିସ ଓ ଗୁଇନ୍ଦା ବିଭାଗ କ'ଣ ମଉନବ୍ରତରେ ଶୋଇଥିଲେ ? ନାଗ ଦମ୍ପତିଙ୍କର ଟେଣ୍ଡର ଫିକ୍ସି, ଠିକାଦାରୀ ଭଳି କାମରେ ମଧ୍ୟ ହାତ ରହିଛି । ଏହି ଘଟଣାରେ ଆରମ୍ଭରୁ ନିଜର ଅଧିକାରୀ ଓ ନେତାଙ୍କୁ ସରକାର ଲୁଚେଇ ରଖିଛନ୍ତି । ଅର୍ଚ୍ଚନାର ସହଯୋଗୀ ଶ୍ରଦ୍ଧାଞ୍ଜଳି ଏତଲାରେ ସମସ୍ତଙ୍କ ନାଁ ଉଲ୍ଲେଖ କରିଥିଲେ ମଧ୍ୟ କାହିଁକି ଜଗବନ୍ଧୁଙ୍କୁ ଖାଲି ପଚାରିକି ପୁଲିସ ଛାଡି ଦେଇଥିଲେ । ପ୍ରମାଣ ନଷ୍ଟ ପାଇଁ ଜଗବନ୍ଧୁଙ୍କୁ ଛାଡି ଦିଆଯାଇଥିଲା କି ? ସରକାରୀ ଦଳର ବିଧାୟକଙ୍କ ଭାଇକୁ ଇଡି ଡାକି ଜେରା କରିଛି । କିନ୍ତୁ ରାଜ୍ୟ ସରକାର ଏହି ଘଟଣାରେ ତାଙ୍କୁ ଘଷ୍ଟ ଘୋଡାଇବାକୁ ଚାହୁଁଥିଲେ । ତେଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।ଅନ୍ୟପକ୍ଷରେ ବିଜେପି ବିଧାୟକ କେ.ନାରାୟଣ ରାଓ କହିଥିଲେ ଯେ, ସେ ଅର୍ଚ୍ଚନାକୁ ହାତଯୋଡି ନମସ୍କାର କରୁଛନ୍ତି । କାରଣ ସେ ଅନେକ ଲୋକଙ୍କୁ ସମ୍ଭାଳିଥିଲା । ଆଇଏଏସ, ଆଇପିଏସ, ଅନେକ ବଡବଡିଆକୁ ସେ ସମ୍ଭାଳିଥିବାରୁ ତାକୁ ଧନ୍ୟବାଦ ଦେଉଛି। ହାତ ଯୋଡି ନମସ୍କାର ମଧ୍ୟ କରୁଛି । ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବିଧାୟକ ମିନାକ୍ଷୀ ମହନ୍ତ, ସୁନନ୍ଦା ଦାସ, ରାଜକିଶୋର ଦାସ ପ୍ରମୁଖ ସାମିଲ ହୋଇ ନିଜର ମତ ରଖିଥିଲେ । ସେପଟେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ, ସରକାର ଅପରାଧୀଙ୍କୁ ସୁରକ୍ଷା ଦେଉଥିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅସତ୍ୟ ।

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ମାମଲାରେ ବାଂଲାଦେଶୀ ଯୁବକ ଗିରଫ

ପୁରୀ ୨୮।୧୧(ପି.ଏନ): ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସୋଶାଲ୍ ମିଡିଆରେ ଭାଇରାଲ କରିବା ମହଙ୍ଗା ପଡିଛି। ଆଜି ଏହି ମାମଲାରେ ବାଂଲାଦେଶୀ ଯୁବକ ଆକାଶ ଚୌଧୁରୀକୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ୍। ଆକାଶର ଘର ବାଂଲାଦେଶ ସିଲହଟ ଜିଲ୍ଲା ପୂର୍ବ ଜିନ୍ଦା ବଜାରରେ। ପୁଲିସ୍ ଆକାଶଙ୍କଠାରୁ ଗୋଟିଏ ମୋବାଇଲ ଓ ବାଂଲାଦେଶ ପାସ୍ପୋର୍ଟ ଜବତ କରିଛି ।ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନ ସିଂହାସନରେ ବିଜେ ଶ୍ରୀଜଗନ୍ନାଥଙ୍କ ଫଟୋ ସୋଶାଲ ମିଡିଆ ଫେସବୁକ୍‌ରେ ଭାଇରାଲ୍ ହୋଇଥିଲା। ଫଟୋ ଗୁଡିକୁ ଆକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ସେୟାର କରାଯାଇଥିଲା। ଯାହା ଭାଇରାଲ୍ ହୋଇଥିଲା। ଏହା ପରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ.ଚନ୍ଦ୍ର ଶେଖର ରାଓ ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବିଜେଡି ସପକ୍ଷରେ କାର୍ଯ୍ୟ କରୁଛି ପୋଲିସ ଓ ପ୍ରଶାସନ

ଭୁବନେଶ୍ୱର,୨୮।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ଜିତିବା ଲାଳଶାରେ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନେ ହିଂସ୍ର ପାଲଟି ଯାଇଛନ୍ତି । ଶାସକ ବିଜେଡିର ନେତା ଓ ମନ୍ତ୍ରୀଙ୍କ କାରଣରୁ ପଦ୍ମପୁର ନିର୍ବାଚନମଣ୍ଡଳୀର ଲୋକେ ଅସୁରକ୍ଷିତ ମଣୁଛନ୍ତି। ଗତ ୨୭ତାରିଖ ଦିନ କେନ୍ଦ୍ରମନ୍ତ୍ରୀ ପ୍ରଚାର କରୁଥିବାବେଳେ ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀ ଲୁଚି ଲୁଚି ଭିଡିଓ ସୁଟିଂ କରୁଥିଲେ। ଏତିକି ବେଳେ କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷାକର୍ମୀ ଓ ବିଜେପି କର୍ମୀ ପଚାରିବାରୁ ପୋଲିସ ଜଣକ ମୋବାଇଲ ଓ ଆଇକାର୍ଡ ଫିଙ୍ଗି ଛୁ ମାରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନେ ଆଇକାର୍ଡକୁ ଯାଂଚ କରି ଜାଣିଥିଲେ ଯେ, ସେ ଜଣେ ସିଆଇଡି ଅଫିସର। ତାଙ୍କ ଆଇକାର୍ଡରେ ଭୋଜରାଜ ଦାଶଙ୍କ ନାମ ଲେଖା ହୋଇଥିଲା। ଶ୍ରୀ ଦାଶ ଅନୈତିକ କାର୍ଯ୍ୟ ପାଇଁ ବିଜେପିର ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି ।ଗତ ୨୬ତାରିଖ ଦିନ ବିଜୁ ଜନତା ଦଳର ନେତାମାନେ ଭାରତୀୟ ଜନତା ପାର୍ଟିର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ପୁନଃର୍ବାର ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀଙ୍କ ପ୍ରାଇଭେଟ ରୁମ୍‌ର ଫଟୋ ଓ ଭିଡିଓ ଉତୋଳନ କରିବା କାହା ସ୍ୱାର୍ଥରେ। ଏହା ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଘଂନ କରିଛନ୍ତି। ଏହାପଛରେ ବଡ ବଡ ଅଫିସରଙ୍କ ହାତଥିବା ବିଜେପି ସନ୍ଦେହ ପ୍ରକାଶ କରୁଛି ଏବଂ ଏଭଳି ପୋଲିସ ଅଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟ ପଛରେ ବରଗଡ ଏସ୍‌ପିଙ୍କ ହାତଥିବା ସନ୍ଦେହ କରିଛି ବିଜେପି। ତେଣୁ ତୁରନ୍ତ ଏସ୍‌ପିଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ବିଜେପି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦୃଢ଼ ଦାବି କରିଛି ବିଜେପି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ପାଇଁ ଏଭଳି ଶାସକ ଦଳର ହାତବାରସ ସାଜିଥିବା ଅଫିସରମାନଙ୍କୁ ତୁରନ୍ତ ବଦଳି ନକଲେ ବିଜେପି ଆନ୍ଦୋଳନ ପଥ ଗ୍ରହଣ କରିବ ବୋଲି ଶ୍ରୀ ବକ୍ସପାତ୍ର ଜଣାଇଛନ୍ତି। ସେହିପରି ଫରେଷ୍ଟ ଡିଭିଜନ ପଦ୍ମପୁରର ବିବି ବେହେରା (ଓଏଫଏସ୍) ସରକାରୀ ଦଳର ହାତବାରିସ ସାଜି ଚୁଡାମଣି ପାଣିଗ୍ରାହୀ ନାମକ ଅସ୍ଥାୟୀ କର୍ମଚାରୀଙ୍କୁ ବିନା କାରଣରେ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେ ପୂର୍ବରୁ ବିଜେଡିର କିଛି କର୍ମଚାରୀଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏଫଆଇଆର ଦାୟର କରିଥିବାରୁ ପ୍ରତିଶୋଧ ପରାୟଣ ହୋଇ ଡିଏଫଓଙ୍କୁ ବିଜେଡି ଦଳ ତରଫରୁ ଚାପ ପ୍ରୟୋଗ କରି ଅସ୍ଥାୟୀ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପଦ୍ମପୁର ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏଭଳି ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନିକ କାର୍ଯ୍ୟ ବିରୁଦ୍ଧରେ ଶ୍ରୀ ବକ୍ସିପାତ୍ର ଦୃଢ଼ ନିନ୍ଦା କରୁଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଭୁବନ ମୋହନ ଜେନା, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ପ୍ରତାପ ମିଶ୍ର, କସ୍ତୁରୀ ମିଶ୍ର, ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ମାନଙ୍କ ପ୍ରସଙ୍ଗରେ ବିଧାନସଭାରେ ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ, ହୋଇ ପାରିଲା ନାହିଁ ପ୍ରଶ୍ନୋତର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୧୧(ପି.ଏନ): ଶିକ୍ଷକ ମାନଙ୍କର ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ହଟ୍ଟଗୋଳ ହୋଇଛି । ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନଙ୍କ ହଟ୍ଟଗୋଳ ଓ ନାରାବାଜୀ କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ସ୍ଥଗିତ କରିଛନ୍ତି ।ସୋମବାର ଦିନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ସେମାନଙ୍କ ଆସନରୁ ଶିକ୍ଷକ ମାନଙ୍କ ପ୍ରସଙ୍ଗ ଉଠାଇଥିଲେ । ବାଚସ୍ପତି ସେମାନଙ୍କର କଥାକୁ ଭୃକ୍ଷେପ ନ କରି ନାମ ଡାକିବା ଆରମ୍ଭ କରି ଦେଇଥିଲେ । ଏହା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ଯେ ସେମାନେ ନିଜ ନିଜ ଆସନକୁ ଯାଆନ୍ତୁ । ଶୂନ୍ୟକାଳରେ ସେମାନେ ଏହି ପ୍ରସଙ୍ଗ ଉଠାଇ ପାରିବେ । ବର୍ତ୍ତମାନ ଗୃହକାର୍ଯ୍ୟକୁ ବାଧିତ କରନ୍ତୁ ନାହିଁ । ହେଲେ ବାଚସ୍ପତିଙ୍କ ଏହି ଅନୁରୋଧର ତାଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ହଟ୍ଟଗୋଳ ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ ଜାରୀ ରଖିଥିଲେ । ତେଣୁ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।






# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଗଣମାଧ୍ୟମ ଓ ଆଜିର ଦୁନିଆ

ଆଜିର ଦୁନିଆରେ ଗଣମାଧ୍ୟମ ବା ପ୍ରେସ ମେଡିଆ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇ ଏକପ୍ରକାର ସାମାଜିକ ବିପ୍ଳବ ଆଣିବାରେ ସଫଳ ହୋଇଛି । "Even the worst dictator will think twice before taking a step because he is in the rader screen of Press." ସାରା ଦୁନିଆର ଯେକୌଣସି କଣରେ ଘଟିଥିବା ଘଟଣା ଦୁର୍ଘଟଣାକୁ ମାତ୍ର କେତେ ମିନିଟ ମଧ୍ୟରେ ସାରା ବିଶ୍ୱରେ ପ୍ରସାରିତ କରି ଏହା ଖାଲି ଲୋକଙ୍କୁ ଜଣାଉନାହାନ୍ତି, ସେ ଘଟଣାର ମାନସ ମନ୍ଥନ କରାଇ ଲୋକମତ ସୃଷ୍ଟି କରି ନିରାକରଣ, ପ୍ରତିଷେଧ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ଚାପ ସୃଷ୍ଟି କରୁଛନ୍ତି, ତାକୁ ପ୍ରତିହତ କରିବା କୌଣସି ଶକ୍ତି ବା ସରକାର ପକ୍ଷରେ ସମ୍ଭବ ହେଉନାହିଁ । ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ । "Eternal Vigilant is the price of Democracy. Power corrupt Absolute power corrupt absolutely." କ୍ଷମତାର ସେହି ସ୍ୱେଚ୍ଛାଚାରୀ ଦାନବମାନଙ୍କୁ କେବଳ ଗଣମାଧ୍ୟମ ହିଁ ଲଗାମ ଦେଇପାରିବ । ପବିତ୍ର ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ଗଣମାଧ୍ୟମ ଖାଲି ସ୍ୱର ଉଠାଏନି , ଅନେକ ସାହସୀ ସାମ୍ବାଦିକ ମଧ୍ୟ ନିଜର ଜୀବନକୁ ବଳି ଦେଇଛନ୍ତି । ଅତି ପ୍ରାଚୀନ କାଳରୁ ସମ୍ବାଦ ପରିବହନ ପାଇଁ ବାଦ୍ୟ ବଜାଇ, ନିଆଁ ଜାଳି, ତୋପ ଫୁଟାଇ ଲୋକମାନଙ୍କୁ ଅବଗତ କରାଯାଉଥିଲା । ୟୁରୋପରେ ନବଜାଗରଣ ଆନ୍ଦୋଳନ ବେଳେ ଛାପା କଳର ଉଦ୍ଭାବନ ଯୋଗୁ ଏହାର ବ୍ୟବହାର ବୃଦ୍ଧି ପାଇଲା । ଇଂଲଣ୍ଡର ଡେଲି ଟେଲିଗ୍ରାଫ ପୃଥିବୀର ପ୍ରଥମ ସମ୍ବାଦପତ୍ର ଥିଲା । ଫ୍ରାନସ ବିପ୍ଳବ, ଆମେରିକାର ସ୍ୱାଧିନତା ସଂଗ୍ରାମ ସମୟରେ ସମ୍ବାଦପତ୍ରର ଭୂମିକା ବେଶ ବଡ ଥିଲା । ଭାରତରେ ବେଙ୍ଗଲ ଗେଜେଟ ପ୍ରଥମ ସମ୍ବାଦପତ୍ର କଲିକତାରୁ ୧୭୮୪ ମସିହାରେ ବାହାରିଥିଲା । ଅମୃତବଜାର ପତ୍ରିକା, ଷ୍ଟେଟସମ୍ୟାନ, ହିନ୍ଦୁ, ବମ୍ବେ ହେରାଲଡ ଆଦି ଇଂରେଜି ସମ୍ବାଦପତ୍ର ମାନ ବିଦେଶୀ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲେ (ବେନେଟ କୋଲମାନ) । ସମ୍ବାଦପତ୍ର ସ୍ୱାଧିତତା ଆନ୍ଦୋଳନ ବେଳେ ଯଥେଷ୍ଟ ସହାୟକ ଭୂମିକା ନେଇଥିଲେ ।



ମହାତ୍ମା ଗାନ୍ଧି କଂଗ୍ରେସର ବାର୍ତା ଲୋକଙ୍କ ନିକଟରେ ପହ-ଞ୍ଚାଇବା ପାଇଁ ହରିଜନ ଓ ୟଙ୍ଗ ଇଣ୍ଡିଆ ନାମରେ ଦୁଇଟି ସମ୍ବାଦପତ୍ର ବାହାର କରିଥିଲେ । ଏହି ପତ୍ରିକାରେ ସରକାରୀ ବିରୋଧୀ ଲେଖାପାଇଁ ସରକାର ଗାନ୍ଧିଙ୍କୁ ଗିରଫ କରି ଜେଲକୁ ପଠାଇଥିଲେ । ଲୋକମାନ୍ୟ ତିଳକ କେଶରୀ ନାମକ ପତ୍ରିକାରେ ଲେଖିଥିଲେ, "ସ୍ୱାଧିନତା ମୋର ଜନ୍ମଗତ ଅଧିକାର ସେଥିରୁ କେହି ମୋତେ ବଂଚିତ କରିପାରିବେନାହିଁ ।' ଏଥିପାଇଁ ତାଙ୍କୁ ଛଅ ବର୍ଷ ପାଇଁ ନିର୍ବାସନ ଦଣ୍ଡ ଦିଆହୋଇଥିଲା । ପଣ୍ଡିତ ଜବାହାରଲାଲ ନେହରୁ ତାଙ୍କର ସମାଜବାଦୀ ଚିନ୍ତାଧାରା ପ୍ରଚାର ପାଇଁ ନେସନାଲ ହେରାଲଡ ପତ୍ରିକା ବାହାର କରିଥିଲେ । ନିଜ ହିନ୍ଦୁତା ଚିନ୍ତାଧାରାର ପ୍ରଚାର ପାଇଁ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ରାଷ୍ଟ୍ରଦିପ ଓ ପା୍ଞ୍ଚଜନ୍ୟ ନାମକ ଦୁଇଟି ପତ୍ରିକା ପ୍ରକାଶ କରୁଛି । ଆମ ଓଡିଶାରେ ୧୮୬୧ ମସିହାରେ ଉତ୍କଳ ଦିପିକା ନାମକ ପ୍ରଥମ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ଦ୍ୱାରା ବାହାରିଥିଲା । ନଅଙ୍କ ଦୁର୍ଭିକ୍ଷ, ସ୍ୱତନ୍ତ୍ର ଉତ୍କଳ ଗଠନରେ ଏହି ପତ୍ରିକା ଅସାମାନ୍ୟ ଭୂମିକା ନେଇଥିଲା । ସ୍ୱାଧୀନତା ଆନ୍ଦୋଳନ ବେଳେ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜ ସମ୍ବାଦପତ୍ର ସ୍ଥାପନ କରିଥିଲେ । ଏବେବି ଓଡିଆ ଖବରକାଗଜକୁ ଲୋକମାନେ ସମାଜ ପେପର ବୋଲି କହୁଛନ୍ତି । ରେଡିଓ ଏକ ନୂତନ ଗଣମାଧ୍ୟମ ରୂପେ ଆବିର୍ଭାବ ହୋଇ ବେଶ ଲୋକପ୍ରିୟ ହୋଇଥିଲା (୧୯୩୦ ମସିହା) । ୧୯୩୫ ମସିହାରେ ଏହା ଅଲ ଇଣ୍ଡିଆ ରେଡିଓ ବୋଲି ନାମିତ ହେଲା । ୧୯୩୭ ମସିହାରେ ଏହାକୁ ଆକାଶବାଣୀ କୁହାଗଲା । ୧୯୫୯ ମସିହାରେ ଦେଶରେ ଟେଲିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ୨୦୦୬ ମସିହାରେ ରେଡିଓ ସହ ଟିଭି ଶିଳ୍ପକୁ ମିଶାଇ ପ୍ରସାରଭାରତି ବୋଲି କରାଗଲା । ବିଶେଷତଃ ଚୀନ-ଭାରତ ଯୁଦ୍ଧ ବେଳେ ସାରା ଦେଶର କୋଟି କୋଟି ଲୋକ ଗାଁ ଦାଣ୍ଡରେ ଏକତ୍ର ହୋଇ ରେଡିଓରୁ ଖବର ଶୁଣୁଥିଲେ । ପରେ ଗଣମାଧ୍ୟମ ସଂପ୍ରସାରିତ ହେଲା । ଟେଲିଭିଜନର ପ୍ରଚଳନ ପରେ ଲୋକମାନେ ଏହାପ୍ରତି ଆକୃଷ୍ଟ ହେଲେ । ଲୋକପ୍ରିୟ ସେରିଏଲ ରାମାୟଣ ଓ ମହାଭାରତ ପ୍ରସାର ବେଳେ ଲୋକମାନେ ଆଗ୍ରହରେ ଏହାକୁ ଦେଖିଥିଲେ । ବର୍ତମାନ ଏହା ଏକ ନିଶାରେ ପରିଣତ ହେଲାଣି । ଟିଭି ମାଧ୍ୟମରେ ଖବର, ଚଳଚ୍ଚିତ୍ର, ଖେଳ, ଗୀତ, ଗେମ ସବୁ ଉପଲବ୍ଧି ହେବାରୁ ଅନେକ ଚାନେଲ କାର୍ଯ୍ୟ କରୁଛନ୍ତି । ଏହାକୁ ଇଲେକ୍ଟ୍ରୋନିକ ମେଡିଆ କୁହାଯାଉଛି । ଏହା ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ ହୋଇଛି । ଶାସନର ଅନେକ ଅନ୍ୟାୟ ଦୁର୍ବଳତା ଲୋକମାନଙ୍କ ନଜରକୁ ଆଣି ଏହା ଏକ ପ୍ରବଳ ଜନମତ ସୃଷ୍ଟି କରୁଛି । ଦିଲ୍ଲୀର ତନ୍ଦୁର ଚୁଲ୍ଲୀରେ ହତ୍ୟା ଘଟଣା, ନିର୍ଭୟା ହତ୍ୟା ଓ ଧର୍ଷଣ ଘଟଣାରେ ଦୋଷୀକୁ ଦଣ୍ଡ ପାଇବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଅଂଜନା ମିଶ୍ର ଧର୍ଷଣ ଘଟଣାରେ ଗଣମାଧ୍ୟମର ଚାପ ଏପରି ପଡିଲା ଯେ ସରକାର ମଧ୍ୟ ଭାଙ୍ଗିଗଲା । ବର୍ତମାନ ଇଂଟରନେଟର ପ୍ରସାର ଫଳରେ ସୋସିଆଲ ମେଡିଆର ବ୍ୟାପକ ପ୍ରସାର ହୋଇଛି । ଘରେ ବସି ଫେସ ବୁକ, ହ୍ୱାଟସ ଅପ, ଟ୍ୱିଟର ମାଧ୍ୟମରେ ବ୍ୟକ୍ତି ନିଜର ମତ ନିଜର ଅଭିଜ୍ଞତା ସାରା ଦୁନିଆକୁ ଜଣାଇ ଅନ୍ୟ ସହ ଯୋଡି ହୋଇ ପାରୁଛି । ଏହିସବୁ ଗଣମାଧ୍ୟମର ବୃଦ୍ଧି ସଙ୍ଗେ ସଙ୍ଗେ ଅନେକ ଅନିଷ୍ଟକର ପାର୍ଶ୍ୱପ୍ରତିକ୍ରିୟା ବାହାରିଲାଣି । ଗଣମାଧ୍ୟମଗୁଡିକ ପୁଂଜିପତିମାନଙ୍କ ଦ୍ୱାରା ପରିଚାଳିତ । ସେମାନେ ନିଜର ସ୍ୱାର୍ଥ ପାଇଁ ଏହାକୁ ବ୍ୟବହାର କରନ୍ତି । ଆମର ଗଣମାଧ୍ୟମ ବାମପନ୍ଥୀଙ୍କ ସମର୍ଥକ ବୋଲି ବିଶ୍ୱାସ କରାଯାଏ । ସେମାନେ ଅନେକ ସମୟରେ ବାମପନ୍ଥୀ ଆତଙ୍କବାଦୀଙ୍କୁ ସମର୍ଥନ କରୁଛନ୍ତି ବୋଲି ଅଭିଯୋଗ ଉଠୁଛି । ସେଥିପାଇଁ କେନ୍ଦ୍ରର ଦକ୍ଷିଣପନ୍ଥୀ ବିଜେପି ସରକାର ସହ ମତପାର୍ଥକ୍ୟ ଲାଗିରହିଛି । ଅନେକ ମିଥ୍ୟା ଖବର, ଅତିରିକ୍ତ ଖବରମାନ ପ୍ରଚାରିତ ହେଉଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ କେଜିରୱାଲ ଗଣମାଧ୍ୟମର ସାମାଜିକ ବିଚାର ଦାବି କରିଥିଲେ । ସ୍ୱର୍ଗତଃ ଅରୁଣ ଜେଟଲି ମଧ୍ୟ କଟାକ୍ଷ କରି କହିଥିଲେ- There is flood of Chanells but dearth of facts. ଆମର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦିପକ ମିଶ୍ର ମଧ୍ୟ କହିଥିଲେ-"Journalist can not write any thing they imagined, thinking they are sitting upon a pulpit." କେତେକ ଗଣମାଧ୍ୟମରେ ମିଥ୍ୟା ଖବର ବିଜ୍ଞାପନ ଦେଇ ନିରିହ ଲୋକଙ୍କୁ ବୋକା ବନାଇ ଦିଆଯାଇଛି । ନିଜର ଗଣମାଧମ କ୍ଷମତା ବ୍ୟବହାର କରି ଲୋକଙ୍କଠାରୁ ଅର୍ଥ ଆଦାୟ କରିବା ଭଳି ଘଟଣା, ଫେସ ବୁକର ବନ୍ଧୁଙ୍କୁ ବିଶ୍ୱାସକରି ଅନେକ ଯୁବତୀ ଅଧା ନଈରେ ପଡି ଭାସୁଛନ୍ତି । ଶହଶହ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଶକ୍ତିରେ ନିଶାଶକ୍ତ ହୋଇ ଡରାଇ ଅର୍ଥ ଆଦାୟର ଏକ ମାଧ୍ୟମରୂପେ ଏହାକୁ ବ୍ୟବହାର କରିବାର ନଜିର ମଧ୍ୟ ଦେଖିବାକୁ ମିଳୁଛି । ପ୍ରେସ ନାଁ ଗାଡିରେ ଲେଖି ନିଶା ଜିନିଷ ପରିବହନ କରିବା ମଧ୍ୟ ହେଉଛି । ଗଣମାଧମକୁ ନିୟନ୍ତ୍ରଣ କରିବା ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠିତ ହୋଇଛି । ସରକାର ମଧ୍ୟ ସେନସର ବୋର୍ଡ ଦ୍ୱାରା ଏହାଉପରେ ସତର୍କ ଦୃଷ୍ଟି ରଖିଥାଆନ୍ତି । ପ୍ରେସ ସ୍ୱାଧିନତା ବା ଅବାଧ ଗଣମାଧ୍ୟମ ମୁକ୍ତ ଗଣତନ୍ତ୍ରର ଏକ ଅଙ୍ଗ ଧରାଯାଏ । ୧୮୦ଟି ଦେଶରୁ ଭାରତର ସ୍ଥାନ ୧୪୪ ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ । ଜଗତିକରଣ ଫଳରେ ବିଦେଶୀ ମେଡିଆ BBC, CNN, CNB ଦେଶରେ ପାଦ ଥାପିଛନ୍ତି । ସରକାର ପେଷାଦାର ସାମ୍ବାଦିକଙ୍କ ପାଇଁ ସର୍ବନିମ୍ନ ପାରିତୋଷିକ ଆଦେଶ ଦେଇଛନ୍ତି (ବଛାଓ୍ୱତ କମିଶନ) । ସେମାନଙ୍କ ପାଇଁ ବୀମା ବ୍ୟବସ୍ଥା ସହ କୋଭିଡ ଯୋଦ୍ଧାର ମାନ୍ୟତା ଦେଇଛନ୍ତି । ଗଣମାଧ୍ୟମ ସମାଜ ଓ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇଛି ଓ ଶୋଷଣ, ଦୁର୍ନୀତି, ଅନ୍ୟାୟ ବିରୁଦ୍ଧରେ ଲଢିବାର ଶ୍ରେଷ୍ଠ ଅସ୍ତ୍ରରେ ପରିଣତ ହୋଇଛି, ଏଥିରେ କୌଣସି ଦ୍ୱିମତ ନାହିଁ ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଉମରକୋଟ, ମୋ: ୯୪୩୭୨୩୫୩୮୬*

—ରଥଯାତ୍ରାରେ ପରିବେଶ ସୁରକ୍ଷାର ବାର୍ତ୍ତା—

# ତୂଳୀରେ ଦାରୁବ୍ରହ୍ମ ପାଇଁ ଗଛଟିଏ



ଭୁବନେଶ୍ୱର (ପିଏନ୍): ଜୁଲାଇ ମାସ ୧ ତାରିଖ ଦାରୁ ଦିଅଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କାଳିଆ ସାଆନ୍ତ ସେ ବ୍ରହ୍ମାଣ୍ଡ ଠାକୁର। ଅତି ଆପଣାର ସେ ଦାରୁ ଦେବତା। ଏହି ପବିତ୍ର ରଥଯାତ୍ରା ଅବସରରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ୮ ବର୍ଷ ବୟସର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ଭାବ, ଭକ୍ତି ଓ ଶ୍ରଦ୍ଧାର ସହ ନିଖୁଣ ସହ ଆଙ୍କିଛନ୍ତି ଦାରୁ ମଧରେ ମହାପ୍ରଭୁ ଦାରୁବ୍ରହ୍ମଙ୍କ ଚିତ୍ର। ସାରା ବିଶ୍ୱକୁ ଚିତ୍ରରେ ଦେଇଛନ୍ତି ଏକ ନିଆରା ବାର୍ତ୍ତା। ଶାନ୍ତନୁଙ୍କୁ ଏ ଚିତ୍ର ସମ୍ପର୍କରେ ପଚାରିଲେ କୁହନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ କେବଳ ଯେ ଦାରୁଦେବତା ନୁହଁନ୍ତି, ତାଙ୍କର ରଥ ମଧ ଦାରୁରେ ନିର୍ମିତ ହୋଇଥାଏ। ଭକ୍ତଙ୍କୁ ଦର୍ଶନ ଦେବା ଲାଗି ଦାରୁବ୍ରହ୍ମ ଏ ଦାରୁ ରଥରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ଦାରୁବ୍ରହ୍ମ ଓ ଦାରୁ ରଥର ନିର୍ମାଣ ପାଇଁ ଲୋଡ଼ା ପଡ଼ିଥାଏ ଦାରୁ। ଏ କାଠ ବିଭିନ୍ନ ଜଙ୍ଗଲରୁ ସଂଗ୍ରହ ହୋଇ ଆସିଥାଏ। ତତ୍‌ସହିତ ନୂତନ ଦାରୁ ବିଗ୍ରହ ନିମନ୍ତେ ନିମ୍ବକାଠ ମଧ ଦରକାର ହୋଇଥାଏ। ଏସବୁ ସତ୍ତ୍ୱେ ଏବେ ବି ଦାରୁ ସନ୍ଧାନ ପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ଦାରୁଦେବତାଙ୍କ ଆଶୀର୍ବାଦ ପାଇଁ ଏବଂ ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ଯଥେଷ୍ଟ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ପ୍ରକୃତି ଓ ପରିବେଶ ପାଇଁ ବୃକ୍ଷର ଆଶୀର୍ବାଦ ସର୍ବଦା ଲୋଡ଼ା ପଡ଼ିଥାଏ। ଏହି ପବିତ୍ର ଦିବସ ଅବସରରେ ପ୍ରତିଟି ଭକ୍ତ, ଶ୍ରଦ୍ଧାଳୁ ଦାରୁବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଗଛଟିଏ ଲଗାଇବେ ତେବେ ଦାରୁବ୍ରହ୍ମଙ୍କ ଆଶୀର୍ବାଦ ନିଶ୍ଚିତ ପ୍ରାପ୍ତି ହେବ। ସେ ଦାରୁ ରୂପରେ ହେଉ ଅବା ଦାରୁବ୍ରହ୍ମ ରୂପରେ ହେଉ ବୋଲି ଶାନ୍ତନୁ କୁହନ୍ତି। କଅଁଳ ବୟସରେ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡ଼ିଛି।

# ଆମ୍ବୁଆପୋଶିଠାରେ ଭାଗବତ ପାରାୟଣ ଉଦ୍‌ଯାପିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆମ୍ବୁଆପୋଶି ଗ୍ରାମସ୍ଥ ଆମ୍ବୁଆପୋଶି ସାହିରେ ଦୀର୍ଘ ମାସାଧିକ କାଳ ଭାଗବତ ପଠନ ପରେ ଭାବଗତ ପାରାୟଣ ଗତ ତା-୨୧.୦୬.୨୨ରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ପୁରୋହିତ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଭାଗବତ ପଠନ ଓ ପୂଜା କାର୍ଯ୍ୟ ଯଥାବିଧି ସମାପନ ହୋଇଥିଲା । ସନ୍ଧ୍ୟା ୬ ଘଟିକା ସମୟରେ ଭାଗବତ ପଠନର ଉପକାରିତା ସମ୍ବନ୍ଧୀୟ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଉପ-ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ କେନ୍ଦୁଝର ସଂଜୀବ କୁମାର ବାରିକ୍ ମୁଖ୍ୟଅତିଥି, ଭାଗବତ ଗବେଷକ ଡଃ ପ୍ରଫୁଲ ମିଶ୍ର ମୁଖ୍ୟବକ୍ତା, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଓ ସମାଜସେବୀ ଚତୁର୍ଭୁଜ ହୋତା, ଜିଲ୍ଲା ତଥା ରାଜ୍ୟର ସୁପ୍ରତିଷ୍ଠ ବରିଷ୍ଠ ପାଲାକାର ନାରାୟଣ ଚନ୍ଦ୍ର ଦାଶ, ସନ୍ତୋଷୀ ମା' ଆଂଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟାପକ ଅମୀୟ ସାମନ୍ତରାୟ, ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ଅଧକ୍ଷ ଆଚାର୍ଯ୍ୟ ଦାଶରଥି ପ୍ରଧାନ, ଉପଦେଷ୍ଟା ଭଜମନ ବେହେରା ଓ ବ୍ଲକ ସଭାପତି ପ୍ରସନ୍ନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାଗବତ ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ପ୍ରମୁଖ ଦୈନିକ ଭାଗବତ ପଠନ କରାଗଲେ ବର୍ତ୍ତମାନର ଅବକ୍ଷୟମୁଖୀ ସମାଜର କଲ୍ୟାଣ ସାଧିତ ହୋଇପାରିବ ବୋଲି କହିଥିଲେ । ଆଲୋଚନାରେ ଭାଗ ନେଇ ନେଲୁଙ୍ଗ ଗ୍ରାମପଂଚାୟତର ସରପଂଚ ଚନ୍ଦ୍ରମଣୀ ସିଂହ ନାରୀଜାତିଙ୍କ ମଧରେ ଭାଗବତର ପ୍ରସାର ହେଲେ ଏକ ସୁସ୍ଥ ପରିବାର ସହ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିବା ମୁଖ୍ୟ ବିଦ୍ଧାଣୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା ବହୁ ଶ୍ରମ ସ୍ୱୀକାର କରି ଏ ପ୍ରକାରର ଭାଗବତ ଆୟୋଜନ କରିଥିବା ହେତୁ ଉପସ୍ଥିତ ବକ୍ତା ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଏହାର ବହୁ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ ଯୋଗାଇଦେବେ ବୋଲି ପ୍ରକାଶ କରିଥିଲେ । ପରିଶେଷରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

—ସ୍କାଉଟସ୍ ଏବଂ ଗାଇଡସ୍—

# ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ଜାତୀୟ ରଥଯାତ୍ରା ସେବା ଶିବିର




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଆନୁକୂଲ୍ୟରେ ରଥଯାତ୍ରା ଜାତୀୟ ସେବା ଶିବିର ତା୨୮।୬।୨୦୨୨ ରିଖ ଠାରୁ ତା୨।୭।୨୦୨୨ରିଖ ପର୍ଯ୍ୟନ୍ତ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଆୟୋଜିତ ହେଉଅଛି । ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ, ଗାଇଡ୍ ଉକ୍ତ ସେବା ଶିବିରରେ ଯୋଗଦାନ କରି ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେଉଛନ୍ତି। ତା୩୦।୬।୨୦୨୨ରିଖ ଦିନ ୧୨ ଘଟିକା ସମୟରେ ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ଉପସ୍ଥିତିରେ ସମ୍ମାନୀତ ଅତିଥିଭାବେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଯୋଗଦାନ କରି ରୋଭର ଓ ରେଞ୍ଜରମାନଙ୍କୁ ପବିତ୍ର ରଥଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାପାଇଁ ପରାମର୍ଶ ଦେଇଥିଲେ । ଶ୍ରୀଗୁଣ୍ଡିଚା ଦିନ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ଜାଗାରେ ଯାନବାହାନ ନିୟନ୍ତ୍ରଣ, ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ, ସେମାନଙ୍କ ଉପରେ ଜଳସିଞ୍ଚନ, ପ୍ରାଥମିକ ଚିକିତ୍ସା ପ୍ରଦାନ, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ ସେବା ଯୋଗାଇ ଦେଇଥିଲେ। ଏହି ଶିବିରଟି ପୁରୀ ଜିଲ୍ଲାର ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ବିଶ୍ୱଜିତ୍ ଘୋଷଙ୍କ ଅଧକ୍ଷତାରେ ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ରାଜ୍ୟ ସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ ପିଲାମାନଙ୍କର ଏହି ସେବାକାର୍ଯ୍ୟକୁ ପ୍ରଶଂସା କରିଥିଲେ।

—ବନ ମହୋତ୍ସବ ସପ୍ତାହ—

# ବଣ ତିଆରିରେ ବନବାସିନୀ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଜୁଲାଇ ମାସ ୧ ତାରିଖରୁ ସପ୍ତାହ ବ୍ୟାପୀ ଆମ ଦେଶରେ ବନ ମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇର ବନବାସିନୀମାନେ ଏ ନେଇ ବନ ମହୋତ୍ସବ ପାଳନ ଅବସରରେ ମହତ୍ ପ୍ରୟାସ ଆରମ୍ଭ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ , ଏମାନେ ସବୁଜିମା ବଳୟ ମଧରେ ରହନ୍ତି। ଗଛ ହେଉଛି ଏମାନଙ୍କ ପ୍ରାଣ। ଜଙ୍ଗଲକୁ ଏମାନେ ଆଦର କରିଥାନ୍ତି। ବିଭିନ୍ନ ସମୟରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଚନ୍ଦକା ଜଙ୍ଗଲର ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ଜଙ୍ଗଲର ସବୁଜିମା ପୁନରୁଦ୍ଧାର କରିବା ପାଇଁ ଆଦିବାସୀମାନେ ଚିନ୍ତା କରିଥିଲେ। ତେବେ ବାଟ ପାଇନଥିଲେ। ଏ ନେଇ ଏହି ଅବସରରେ ଗାଁରେ ବନବାସିନୀମାନଙ୍କୁ ନେଇ ଆରମ୍ଭ ହୋଇଛି ବିହନ ପେଣ୍ଡୁ ପ୍ରସ୍ତୁତି କାର୍ଯ୍ୟକ୍ରମ।



ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବନବାସିନୀମାନେ ମାଟି, ଗୋବର ଖତ ସହିତ ତେନ୍ତୁଳି ମଞ୍ଜିକୁ ଗୋଳାଇ ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ବିହନ ପେଣ୍ଡୁ ତିଆରି କରିପାରିଛନ୍ତି। ଏହି ବିହନ ପିଣ୍ଡୁଳାଗୁଡ଼ିକ ଅଭୟାରଣ୍ୟର ଟାଙ୍ଗରା ଭୂଇଁରେ ନିକ୍ଷେପ କରାଯିବ। ଏହି ପ୍ରକ୍ରିୟା ମାଧମରେ ୫୦ ପ୍ରତିଶତ ଗଛ ସୃଷ୍ଟି ହୋଇପାରିଥାଏ। ବର୍ଷା ଋତୁରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କମ୍ ସମୟରେ ପ୍ରଭାବୀ ବନୀକରଣ ହେବା ସହ ଆଦିବାସୀମାନଙ୍କ ଜୀବିକାକୁ ମଧ ସୁଦୃଢ ହୋଇପାରିବ ବୋଲି ସୁଶାନ୍ତ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସନ୍ତୋଷୀ ଜୈନ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବନବାସିନୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ବନୀକରଣ କାର୍ଯ୍ୟକୁ ବହୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରସାଦ ଢ଼େଙ୍ଗ ବନବାସିନୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିବାର ଜଣାପଡ଼ିଛି।

# ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କ ବିକାଶ ପାଇଁ ସହଯୋଗର ହାତ ବଢାଇଲା ମାରୱାଡ଼ି ମହିଳା ସମିତି



ଭୁବନେଶ୍ୱର (ପିଏନ୍): ଖରା ଛୁଟି ଚାଲିଛି। ଛୁଟି ପରେ ସ୍କୁଲ୍ ଖୋଲିବ। ନୂଆ ଶିକ୍ଷାବର୍ଷ ଆରମ୍ଭ ହେବ। କିଭଳି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସି ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ, ଏ ନେଇ ରାଜଧାନୀ ଉପକଣ୍ଠରେ ଥିବା ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଳେଇ ଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଫନି ବାତ୍ୟାରେ ବିଦ୍ୟାଳୟରେ ଲାଗିଥିବା ଦୁଇଟି ସିଲିଂ ପଙ୍ଖା ନଷ୍ଟ ହୋଇଯାଇଥିଲା। ଯଦ୍ୱାରା ବିଦ୍ୟାର୍ଥୀମାନେ ଶ୍ରେଣୀଗୃହରେ ତାତିରେ ଆଉଟ ପାଉଟ ହୋଇଯାଆନ୍ତି। ପାଠରେ ମନ ଲାଗୁନଥିଲା। ବିଦ୍ୟାର୍ଥୀମାନଙ୍କର ଏତାଦୃଶ ଖବର ଶୁଣି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ମାରୱାଡ଼ି ମହିଳା ସମିତି ପକ୍ଷରୁ ସରକାରୀ କନ୍ଦଳେଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଦୁଇଟି ସିଲିଂ ପଙ୍ଖା ଯୋଗାଇ ଦିଆଯାଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପ୍ରତିଟି ଆଦିବାସୀ ବିଦ୍ୟାର୍ଥୀମାନଙ୍କୁ ଖାତା, କଲମ, ପେନ୍‌ସିଲ୍, ସ୍ଲେଟ୍, ରବର, ଡ୍ରଇଁ ବାକ୍ସ ଇତ୍ୟାଦି ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ସମିତିର ସଭ୍ୟା ସନ୍ତୋଷୀ ଜୈନ, ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ଓ ସୁଶାନ୍ତ ସାହୁଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କୁ ପାଠ୍ୟ ଉପକରଣ ସାମଗ୍ରୀ ସହ ଦୁଇଗୋଟି ସିଲିଂ ପଙ୍ଖା ହସ୍ତାନ୍ତରିତ କରାଯାଇଛି। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ କୁହନ୍ତି, ଆଗାମୀ ଦିନରେ ବିଦ୍ୟାର୍ଥୀ ଏବଂ ବିଦ୍ୟାଳୟର ବିକାଶ ପାଇଁ ପରିବେଶ ଉପଯୋଗୀ ବିଦ୍ୟାଳୟ ସୃଷ୍ଟି ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଏହି ଅବସରରେ ସୂଚନା ଦେଇଥିଲେ। ମାରୱାଡି ମହିଳା ସମିତିର ଏତାଦୃଶ ପଦକ୍ଷେପକୁ ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଢ଼େଙ୍ଗ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଛନ୍ତି।

## ରାଧାକାନ୍ତ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଓ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ପିଏନ୍): ରାଧାକାନ୍ତ ସାହିତ୍ୟ ସଂସଦ ପକ୍ଷରୁ ଅଳପୁଆ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ରଜପର୍ବ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ମୌସୁମୀ ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ଡଃ. ଶ୍ରୀଧର ସାମଲ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧକ୍ଷ ଦେବ ପ୍ରସାଦ ସାମଲ ଓ ଉପରୋକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଆ ସାହିତ୍ୟର କ୍ରମ ବିକାଶ, ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ ପରିବର୍ତ୍ତନର ଧାରା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କବୟିତ୍ରୀ ଆରାଧନା ଦାଶ, କବି ସଚିତ୍ର ବେହୁରା ଓ ଗାଳ୍ପିକ ପ୍ରଦୀପ ନାୟକ ସାହିତ୍ୟ ସାମାଜିକ ଜୀବନକୁ କିପରି ପ୍ରଭାବିତ



କରିଥାଏ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ବିଷ୍ଣୁ ଚରଣ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ରଞ୍ଜନ ବାଇ, ସନାତନ ତରାଇ, କାଙ୍ଗାଳି ଚରଣ ଦାସ, ମାଧବ ଚନ୍ଦ୍ର ମଳିକ, ନାରଦ ବିଶ୍ୱାଳ, ବସନ୍ତ ସ୍ୱାଇଁ, ରଶ୍ମିତା ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରି ଶ୍ରୋତାମାନଙ୍କୁ ବିମୋହିତ କରିଦେଇଥିଲେ। ସଭାପତି ରାଜ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ, ପ୍ରେମାନନ୍ଦ ସୁତାର ଅତିଥି ପରିଚୟ ଓ ନିମାଇଁ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗଗନ ଚନ୍ଦ୍ର ମାହାଳିକ, ବିଚିତ୍ର ବେହେରା, ରଞ୍ଜିତ କୁମାର ସାମଲ ଓ ଆନନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳସେଚନ ଜମି ଜବରଦଖଲ ଯୋଗୁଁ ଜଳ ନିଷ୍କାସନ ସମସ୍ୟା ନେଇ ଚିନ୍ତାରେ ଚାଷୀକୁଳ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଜବରଦଖଲ ସମସ୍ୟା ବଢି ବଢି ଚାଲିଛି। ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଜନତା ହୀନସ୍ତା ଭୋଗୁଛନ୍ତି। ଗ୍ରାମାଞ୍ଚଳରେ ଜମି ଜବରଦଖଲ ଦୂରର କଥା ଖୋଦ ଜିଲ୍ଲା ସଦର ମହକୁମା ଓ ତା'ର ଆଖପାଖ ଅଞ୍ଚଳରେ ମୂଲ୍ୟବାନ ଦେବୋତ୍ତର ଜମି ସମେତ ସରକାରୀ ଗୋଚର, ଅନାବାଦୀ ଜମି ସମେତ ଜଳସେଚନ ବିଭାଗର କେନାଲ ବନ୍ଧ ଜମି ଓ ନୟନଜୋରୀ ଜମିକୁ ମାଡିବସି ଘର କରିବା ସହିତ ବେପାର କରିବା ଯୋଗୁଁ ଘୋର ସମସ୍ୟା ସୃଷ୍ଟି କରିଛି। କେନ୍ଦ୍ରାପଡା ସହର ଉପକଣ୍ଠ ଗୁଲନଗର ଗ୍ରାମ ସନ୍ନିକଟ କଟକ- ଚାନ୍ଦବାଲି ରାଜ୍ୟ ରାଜପଥର ଦକ୍ଷିଣପାର୍ଶ୍ୱରେ ଥିବା ଶହ ଶହ ଏକର ଚାଷଜମିରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। କାରଣ ସେହି ପାର୍ଶ୍ୱରେ ଜଳସେଚନ ବିଭାଗର ଥିବା ନୟନଜୋରି ଓ କେନାଲକୁ ପୋତି ତାହା ଉପରେ କେତେକ ଲୋକ ଘର କରିଦେଇଛନ୍ତି। ଉଦବୃତ୍ତ ବର୍ଷାଜଳରେ ଲୋକଙ୍କ ଚାଷଜମି ବୁଡିରହିବା ଫଳରେ ଫସଲହାନୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀ। ଗୁଲନଗର ଗ୍ରାମର ଦଣ୍ଡାମୁଣ୍ଡ ଛକ ଅପରପାର୍ଶ୍ୱରେ ଥିବା ଜଳସେଚନ ବିଭାଗର ୩ ଏକରରୁ ଉର୍ଦ୍ଧ୍ୱ ନୟନଜୋରି ଓ କେନାଲ ବନ୍ଧକୁ ଜବରଦଖଲ କରାଯାଇ ଦୋକାନ କରି ବ୍ୟବସାୟ କରିବା ସହ ଘର କରି ରହିବା ଯୋଗୁଁ ବିରାଟ ସମସ୍ୟା ସୃଷ୍ଟି ହୋଇଛି। ଏଥି ଯୋଗୁଁ ଗୁଲନଗର ଗ୍ରାମର ପ୍ରବେଶ ପଥ ସଙ୍କିର୍ଣ୍ଣ ହେବା ସହ ବର୍ଷାଦିନେ ପାଣି ଜମି ରହି ଗମନାଗମନରେ ସମସ୍ୟା ସୃଷ୍ଟି କରୁଛି। ସେହିପରି ଚାଷଜମିରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଏସମ୍ପର୍କରେ ଜଳସେଚନ ବିଭାଗ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କଟକ- ଚାନ୍ଦବାଲି ରାଜ୍ୟ ରାଜପଥ ପାର୍ଶ୍ୱ ମଧ ଧିରେ ଧିରେ ଜବରଦଖଲ ହେବାରେ ଲାଗିଛି। ତୁରନ୍ତ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଆଗକୁ ଆହୁରି ସମସ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# କେନ୍ଦ୍ରାପଡା ପୌରାଞ୍ଚଳର ଭୂମିହୀନଙ୍କୁ ପଟା ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳରେ ବସବାସ କରୁଥିବା ଭୂମୀହୀନଙ୍କୁ ଓଡିଶା ଯାଗା ମିଶନ ଯୋଜନାରେ ଘରଡିହ ପଟା ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୌର ପରିଷଦ ଟାଉନ ହଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ ଅଧକ୍ଷତା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ପୌର ଉପାଧକ୍ଷା ଆକବରୀ ଖାତୁନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭୂମିହୀନମାନଙ୍କୁ ପଟା ବଣ୍ଟନ କରିଥିଲେ । ପୌରାଞ୍ଚଳର ୧୭ଟି ବସ୍ତିରେ ରହୁଥିବା ୧୯୧ ଜଣଙ୍କୁ ଏହି ପଟା ବଣ୍ଟନ କରାଯାଇଥିଲା ।




# ହଜି ଯାଉଛି ଚାଷୀର ଅର୍ଥକାରୀ ଫସଲ ନଳିତା

ସାଲେପୁର, (ପି.ଏନ): କୃଷି ଓ କୃଷକର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରିଚାଲିଥିଲା ବେଳେ ସରକାର କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଲୋକାଭୀମୁଖୀ ଯୋଜନା ମାନ କାର୍ଯ୍ୟକାରୀ କରୁଛନ୍ତି । ହେଲେ ତାହାର କୌଣସି ସୁଫଳ ନିଶ୍ଚିନ୍ତକୋଇଲି ଥାନା ଅଂଚଳରେ ଦେଖିବାକୁ ମିଳୁନାହିଁ । ଏହି ଅଂଚଳର ପ୍ରାୟ ସମସ୍ତ ପଂଚାୟତର ଲୋକଙ୍କ ଜୀବିକା ନିର୍ବାହର ଏକମାତ୍ର ପନ୍ଥା କୃଷି । ଧାନ ଠାରୁ ଆରମ୍ଭ କରି ପନିପରିବା ସମେତ ବିରି, ମୁଗ, କୋଳଥ, ଚଣା ଆଦି ଡାଲି ଜାତୀୟ ଫସଲ ଏଠାକାର ଚାଷୀମାନେ କରିଆନ୍ତି । ସେହିପରି ଏଠାକାର ଚାଷୀମାନେ ବିଶେଷ କରି ନଳିତା ଭଳି ଅର୍ଥକାରୀ ଫସଲ ଚାଷ କରୁଥିଲେ ହେଁ ସମ୍ପ୍ରତି ପ୍ରୋତ୍ସାହନ ଅଭାବରୁ ଏହି ଚାଷ ବୁଡିବାକୁ ବସିଲାଣି । ଏପରିକି ଗାଁ ଗହଳିରେ କାଉଁରିଆ ମିଳିବା ସାତ ସପନ ହୋଇଯାଇଛି । ଏପରିକି ଦୀପାବଳିରେ ବଡବଡିଆ ଡାକିବା ପାଇଁ କାଉଁରିଆର ଅଭାବ ଦେଖାଦେଇଥିଲା । ଚାଷୀ ବର୍ଷା ଦିନେ ନଳିତା ଚାଷ ଉପରେ ଗୁରୁତ୍ୱ ଦେଇଥାନ୍ତି । ଅର୍ଥକାରୀ ଫସଲ ନଳିତା ହୋଇଥିବା ବେଳେ ଚାଷୀ ଏଥିରେ ଭଲ ଦି ପଇସା ପାଇଥାଆନ୍ତି । ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ ଟି ପଂଚାୟତର ଶହ ଶହ ଚାଷୀ ବିଗତ ଦିନରେ ଅର୍ଥକାରୀ ଫସଲ ନଳିତା ଉପରେ ଅଧିକ ଗୁରୁତ୍ୱାରୋପ କରୁଥିଲା ବେଳେ ଗତ କିଛି ବର୍ଷ ହେଲା ଏହି ଅଞ୍ଚଳର ଚାଷୀମାନେ ନଳିତା ଚାଷ ପ୍ରତି ବିମୁଖ ହେଉଥିବା ଜଣାଯାଇଛି । ଦିନକୁ ଦିନ ଶ୍ରମିକ ମଜୁରୀ ବୃଦ୍ଧି ପାଇବା ସହ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଇଛି । ଗାଁରେ କାମ ମିଳୁନଥିବାରୁ ବହୁ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରିବା ପାଇଁ ପଳାଇଯାଉଛନ୍ତି । ଫଳରେ ଗାଁ ଗହଳିରେ କୃଷି କ୍ଷେତ୍ରରେ କାମ କରିବା ପାଇଁ ଉପଯୁକ୍ତ ମାତ୍ରାରେ ଶ୍ରମିକ ମିଳୁନାହାଁନ୍ତି । ଏପରିକି ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସେବା ସମବାୟ ସମିତି, ଘରୋଇ ଋଣ ଲଗାଣକାରୀ ସଂସ୍ଥା ଏବଂ ଗାଁ ମହାଜନଙ୍କଠାରୁ ହାତ ଉଦ୍ଧାରୀ ଆଣି ନଳିତା ଚାଷ କରୁଥିଲେ ମଧ୍ୟ ସ୍ଥାନୀୟ ଅଂଚଳରେ ନଳିତା ଚାଷ ପାଇଁ କୌଣସ ପ୍ରୋତ୍ସାହନ ଯୋଗାଇ ଦିଆଯାଉନାହିଁ । ନକଲି ଘାସ ମାରା ଔଷଧ ପ୍ରୟୋଗ ଓ ସରକାରଙ୍କ ତରଫରୁ ନିମ୍ନମାନର ବିହନ ଯୋଗାଇ ଦିଆଯାଉଥିବା ଯୋଗୁ ଚାଷୀ ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ମାତ୍ର ପ୍ରତିକୂଳ ବାତାବରଣ ସତ୍ୱେ ଚାଷୀ ଯେଉଁ ନଳିତା ଝୋଟ କରିଥିଲା । ଅମଳ ପରେ ତାର ଉପଯୁକ୍ତ ମୂଲ୍ୟ ପାଉ ନାହିଁ । ବଜାରରେ ସାର, ଔଷଧ ଏପରିକି ବିହନ ମଧ୍ୟ ଚଢା ଦରରେ ବିକ୍ରୟ କରାଯାଉଛି । ସରକାରଙ୍କ ତରଫରୁ ଯେଉଁ ସାର, ବିହନ, ଔଷଧ ଯୋଗାଇ ଦିଆଯାଉଛି ତାହା ଚାଷୀଙ୍କ ନିକଟରେ ପହଂଚାଇବା ପୂର୍ବରୁ ବାଟରେ କଳାବଜାରରେ ବିକ୍ରୟ ହୋଇଯାଉଛି । ସରକାରୀ ଭାବେ ଝୋଟ କୁଇଟାଂଲ ମାତ୍ର ୧୫ ଶହରୁ ଉର୍ଦ୍ଧ ଟଙ୍କା ରଖାଯାଇଥିଲା ବେଳେ ଝୋଟ ବିକ୍ରୟ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଚାଷୀ ବାଧ୍ୟ ହୋଇ ବେପାରୀଙ୍କୁ କୁଣ୍ଟାଲ ପିଛା ୧୦୦୦ ରୁ ୧୨୦୦ ଟଙ୍କାରେ ବିକ୍ରୟ କରିବା ପାଇଁ ବାଧ ହେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ଦାନପୁର ଝୋଟ ସମବାୟ ଓ କେନ୍ଦୁପାଟଣାରେ ଥିବା ଭାରତୀୟ ଝୋଟ ନିଗମ ଏକ ରକମ ଅଚଳ ହୋଇଯାଇଥିବାରୁ ଚାଷୀ ଠିକ୍ ଭାବେ ଝୋଟ ବିକ୍ରୟ କରିପାରୁନାହାଁନ୍ତି । ଫଳରେ ଏହି ଅଂଚଳରେ ଦିନକୁ ଦିନ ନଳିତା ଚାଷ ହ୍ରାସ ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ହୋଇଛି । ଏଠାରେ ସୂଚନାଯୋଗ୍ୟ, ନଳିତାରୁ ତିଆରି ଝୋଟରୁ ଦଉଡି, ଅଖା, ଶାଢୀ, ବ୍ୟାଗ ପ୍ରଭୃତି ବହୁ ମୂଲ୍ୟବାନ ଦ୍ରବ୍ୟ ତିଆରି ହେଉଥିଲା ବେଳେ କାଉଁରିଆକୁ ଲୋକମାନେ ଜାଳେଣୀ ରୂପେ ବ୍ୟବହାର କରୁଥିଲେ । ସରକାର ଚାଷୀମାନଙ୍କର ପ୍ରକୃତ ଅବସ୍ଥାକୁ ହୃଦୟଙ୍ଗମ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦୃଢ ଦାବି ହୋଇଛି ।

## ଭୋଟର ସଚେତନତା ରଥ ଉଦଘାଟିତ

ମାଲକାନଗିରି, (ପି.ଏନ): ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ୨୦୨୩ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନ ନେଇ ଆଜି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସ୍କ୍ରିପ ରଥର ( ଭୋଟର ସଚେତନତା ରଥ ) ଉଦଘାଟନ ହୋଇଛି । ବ୍ରହ୍ମପୁର ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ସଚିବ ତଥା ମାଲକାନଗିରି ଜିଲ୍ଲା ପାଇଁ ନିଯୁକ୍ତି ସ୍ୱତନ୍ତ୍ର ରୋଲ ପର୍ଯ୍ୟବେକ୍ଷକ ଶ୍ରୀମତୀ ସୁଜାତା ସାହୁ ଏହି ସଚେତନତା ରଥ ଉଦଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଅକ୍ଷୟ ଖେମୁଣ୍ଡୁ ଉପସ୍ଥିତ ଥିଲେ । ଏହି ଭୋଟର ସଚେତନତା ରଥ ମୁଖ୍ୟତଃ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହା ସମସ୍ତଙ୍କୁ ସଚେତନ କରାଇବ । ଏହା ପରେ ଶ୍ରୀମତି ସାହୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୩ ପରିପ୍ରେକ୍ଷୀରେ ଏକ ସମୀକ୍ଷା କରିଥିଲେ । ଏଠାରେ ଜିଲ୍ଲାର ସମସ୍ତ ଉପନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଶ୍ରୀମତୀ ସାହୁ ଭୋଟର ତାଲିକା ସଂଶୋଧନ ସଂର୍ପକରେ ଆଲୋଚନା କରିଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# କୁଶୁର୍ଲାରେ କୁରାଳ ପୁରାଣ ପାରାୟଣ ଅନୁଷ୍ଠିତ

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ଗ୍ରାମପଂଚାୟତ ସ୍ଥିତ କୁଶୁର୍ଲା ଗ୍ରାମର କୁମ୍ଭକାର ସମାଜର ମିଳିତ ଆନୁକୁଲ୍ୟରେ କୁରାଳ ପଂଚମୀ ପର୍ବ ଉପଲକ୍ଷେ ଏବଂ କୁରାଳ ପଂଚମୀ କମିଟି ତରଫରୁ ତ୍ରିଦିନାତ୍ମକ କୁରାଳ ପୁରାଣ ପାରାୟଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତା ୨୭/୧୧/୨୦୨୨ରିଖ ରବିବାର ଅପରାହ୍ନ ୪ଟା ସମୟରେ ନିକଟସ୍ଥ ଜୋରରୁ ମଙ୍ଗଳବାର ଶତାଧିକ କୁମ୍ଭକାର ସମାଜର ପୁରୁଷ ଓ ମହିଳାମାନେ ଘଣ୍ଟ , ଶଙ୍ଖ, ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନର ତାଳେତାଳେ ମହା କଳସଯାତ୍ରା ସହିତ ଅଧିବାସ କର୍ମ ଆୟୋଜିତ ହୋଇଥିଲା । ୨୮ ତାରିଖ ସୋମବାର ଦିନ ସକାଳୁ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ପରେ କୁରାଳ ପୁରାଣ ପାରାୟଣ ଆରମ୍ଭ ହୋଇଥିଲା । ସଭାପତି ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିବ ଶଙ୍କର ମିଶ୍ର ପୂଜକ ଭାବରେ ପୂଜାର୍ଚ୍ଚନା କରୁଥିବା ବେଳେ ଟିଙ୍କୁ ରଣା ଓ ତାଙ୍କ ସହଧର୍ମୀଣି ଶ୍ରୀମତୀ ପୁନ୍ନୀ ରଣା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ବଲାଙ୍ଗୀର ଜିଲ୍ଲା ପାଟଣାଗଡ(ଦେଉଳଗାଁ)ର ପପୁନ କୁମାର ପଣ୍ଡା ବ୍ୟାସ ଭାବରେ ଯୋଗଦେଇ କୁରାଳ ପୁରାଣ ପାରାୟଣ ପଠନ କରୁଛନ୍ତି ।

# କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ




କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ?, ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ?ନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ?ଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।

# ଆନନ୍ଦପୁରର କେତେଜଣ ଆଇନଜୀବୀ ତଥା ଓକିଲଙ୍କ ଦାଦାଗିରୀ

ଭୂବନେଶ୍ୱର : ଆନନ୍ଦପୁରର କେତେଜଣ ଆଇନ୍‌ଜୀବୀ ତଥା ଓକିଲଙ୍କ ଦାଦାଗିରୀ ହକିମାତକାରୀ ଲୋକଙ୍କ ଟଙ୍କା ନେଇ ମାଡମାରିବା ସହ ଇ- କେଶ୍‌କରି ଧମକ ଦେବା ଏବଂ ତାଙ୍କର ଓକିଲ ସଂଘ ଅଛି କହି ସମସ୍ତଙ୍କୁ ଜାଲିଆତେ କାର୍ଯ୍ୟ କରିବା ସମ୍ବନ୍ଧରେ ତାଲୁକ ଲିଗାଲ ସର୍ଭିସେସ୍ କମିଟି ଆନନ୍ଦପୁରର ପାରା ଲିଗାଲ୍ ଭଲ୍ୟୁନ୍‌ଟର ତଥା ସାମ୍ବାଦିକ ଶ୍ରୀ ପ୍ରଭାତ କୁମାର ଦାସ ଓଡିଶା ସମ୍ବାଦିକ ସଂଘ , ଭୂବନେଶ୍ୱରର ସଭାପତିଙ୍କୁ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି । ସେ ତାଙ୍କ ଅନୁରୋଧ ପତ୍ରରେ ଜଣାଇଛନ୍ତି ଯେ, ଲିଗାଲ୍ ଓକିଲବାବୁ ଦ୍ୱୟ ଆନନ୍ଦପୁର, କେନ୍ଦୁଝରର ଭାଗିରଥି ଦାଶ ଓରଫ୍ କାଳିଆ ଦାଶ, ଘସିପୁରା, ବାଇଧର ସେଠୀ (ତାଲୁକ୍ ଲିଗାଲ ଅଥରେଟି) ଫକୀରପୁର ଏବଂ ଦେବାଶିଷ ବେହେରା (କୋର୍ଟ କିରାଣୀ) ଓ ନିରଞ୍ଜନ ସାହୁ, ସହଯୋଗୀ ଓକିଲ ତାଲୁକ୍ ଲିଗାଲ୍‌ର ଅଫିସ୍ କିରାଣୀ ସହ ଅନ୍ୟ କେତେଜଣଙ୍କୁ ହାତରେ ରଖି ଲୋକମାନଙ୍କ ବେଶ୍ ଫାଇଦା ଉଠାଉଛନ୍ତି । ଏତଦ୍ ବ୍ୟତୀତ ସେମାନେ କୌଣସି ମିଟିଙ୍ଗ୍ ନ କରି ଖାତାରେ ରେକର୍ଡ କରାଉଛନ୍ତି । କେବଳ ଏତିକି ନୁହେଁ ଆହୁରି ମଧ୍ୟ ଶ୍ରୀ ଦାସ ଜଣେ ତାଲୁକ୍ ଲିଗାଲ୍ ସଦସ୍ୟ ତା ୧୭.୦୪. ୨୦୧୮ରିଖରୁ ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ବୈଠକରେ ସାମିଲ୍ ହୋଇନାହାଁନ୍ତି କି ତାଙ୍କୁ ଏପର୍ଯ୍ୟନ୍ତ ତାଲୁକ୍ ଲିଗାଲ୍‌ର କୈଣସି ସଦସ୍ୟ ବୈଠକ ବିଷୟରେ ଜଣାଇ ବି ନାହାଁନ୍ତି । ଏହାର କାରଣ ହେଉଛି


ଓକିଲ ଭାଗୀରଥି ଦାସ (କାଳିଆ)

ସେମାନଙ୍କର କେତେଜଣ ହାତବନ୍ଧା ସଦସ୍ୟ ଅଛନ୍ତି ଓ ସେମାନେ ହିଁ ବୈଠକରେ ନିୟମିତ ବସୁଛନ୍ତି । ଉପରୋକ୍ତ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଶ୍ରୀ ଦାସଙ୍କୁ ମାଡ ମରାଯାଇଥିଲା, ଏଥିପାଇଁ ଶ୍ରୀ ଦାସ ତା ୦୮.୧୦. ୨୦୧୨ରିଖରେ ଥାନାରେ ଏତେଲା ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କୋର୍ଟରେ ବିଚାରପାଇଁ ପଡିରହିବା ସହ ଏପର୍ଯ୍ୟନ୍ତ ତାହା କାଜ୍‌ଲିଷ୍ଟରେ ତାରିଖ ମଧ୍ୟ ଦିଆଯାଇନାହିଁ । ଠିକ୍ ସେହିପରି ଏହି କେତେକ ଓକିଲମାନଙ୍କ ହସ୍ତକ୍ଷେପ ଫଳରେ ବିଚାର ପକ୍ରିୟା ଆଗେଇ ପାରୁନାହିଁ । ଉପରୋକ୍ତ ଓକିଲବାବୁମାନଙ୍କ ଦ୍ୱାରା ତା ୦୭.୧୦.୨୦୨୧ରିଖରେ ଶ୍ରୀଦାସଙ୍କୁ ଜଗା ଚା ଦୋକାନ ସାମ୍ନାରେ ରାଜରାସ୍ତା ଉପରେ ଶ୍ରୀ ପ୍ରଭାତ କୁମାର ଦାସଙ୍କ ମୁଣ୍ଡକୁ ଆଘାତ ଦେବା ସହ ତାଙ୍କ ବାମ କାନ ପାଖରେ ଯୋରରେ ମାଡ ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରି ତାଙ୍କ ମୋବାଇଲ୍ ଫୋନ୍‌କୁ ଛଡାଇ ନେଇଛନ୍ତି । ଏବଂ ସେମାନେ ଶ୍ରୀଦାସଙ୍କୁ ଧମକ ଦେଇ କହିଛନ୍ତି ଯେ, ଏହି ବିଷୟରେ ଯଦି କେଉଁଠି ଅଭିଯୋଗ କରିବୁ କିମ୍ବା କେସ୍ କରିବୁ ତେବେ ତାକୁ ପିସ୍ କରି କଟି ବୈତରଣୀ ନଦୀରେ ଫିଙ୍ଗି ଦେବୁ, ତୁ ନଦୀରେ ଭାସୁଥିବୁ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ନିଜ ପରିବାରକୁ ନେଇ କିପରି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି ଭୂବନେଶ୍ୱରସ୍ଥ ଓଡିଶା ସାମ୍ବାଦିକ ସଂଘକୁ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଶ୍ରୀ ପ୍ରଭାତ କୁମାର ଦାସ ଜଣେ ଗ୍ରାମାଂଚଳ ସାମ୍ବାଦିକ ହୋଇଥିବାରୁ ନ୍ୟାୟ ପାଇଁ ଓଡିଶା ସାମ୍ବାଦିକ ସଂଘରେ ଅନୁରୋଧ କରିଛନ୍ତି । ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି ଯେ, ଯଦି ସମସ୍ତ ସାମ୍ବାଦିକମାନଙ୍କର ସଂଘ ଅଛି, ତେବେ ଲୋକଙ୍କୁ ରାଜରାସ୍ତାରେ ମାଡ ମାରିବା, ହାକିମତି କରିବା, ଅଶ୍ଳିଳଭାଷା ପ୍ରୟୋଗ କରିବା, ଜୀବନରୁମାରିବାକୁ ଧମକ ଦେବା ସହ ଆନନ୍ଦପୁରକୁ ଆସିପାରିବୁ ନାହିଁ କହିବା ବା କୌଣସି ଲୋକ ଯାଇପାରିବେ ନାହିଁ କି କୌଣସି କାମଧନ୍ଦାରେ ରାସ୍ତାଘାଟରେ ଅଥବା କୋର୍ଟ କଚେରୀ ଯିବେନାହିଁ ଆଦି କହିବା କେଉଁ ନିୟମରେ ଅଛି । ଯେଉଁମାନଙ୍କର ସଂଘ ଅଛି, ସେମାନେ ଏହିପରି କରିପାରିବେ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ଦାସ ଓଡିଶା ସାମ୍ବାଦିକ ସଂଘ , ଭୂବନେଶ୍ୱରକୁ । ଏଣୁ ଏସବୁ ଘଟଣାକୁ ବିଚାରକୁ ନେଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଶ୍ରୀ ଦାସଙ୍କୁ ଓଡିଶା ସାମ୍ବାଦିକ ସଂଘ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବ ବୋଲି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେଶଦୁରାପାଳ ବାସିନ୍ଦା ଶ୍ରୀ ପ୍ରଭାତ କୁମାର ଦାସ ମନରେ ଦୃଢ ଆଶା ରଖିଛନ୍ତି ।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚ଼ୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚ଼ସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚ଼ାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚ଼ଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।


ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ଓ୍ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚ଼ାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚ଼ିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମ୍ପୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚ଼ାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ୱ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଂ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଂ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟରରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚ଼ାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚ଼ନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ । ଶେଷରେ ଜଗବନ୍ଧୁ ମୃଦୁଳି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ସଂସ୍କାର ଭାରତୀ ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଅଖିଳ ଭାରତୀୟ ସାଂସ୍କୃତିକ ସଂଗଠନ ସଂସ୍କାର ଭାରତୀର ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କର ଗତ ୧୦ ତାରିଖ ଶୁକ୍ରବାର ଦିନ ଲକ୍ଷ୍ନୌଠାରେ ମହାପ୍ରୟାଣ ହୋଇଯାଇଛି । ଯୋଗେନ୍ଦ୍ରଜୀଙ୍କ ସ୍ମୃତି ପ୍ରତି ସମ୍ମାନପ୍ରଦର୍ଶନ ଉଦ୍ଦେଶ୍ୟରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଓଡିଶା ପୂର୍ବ ପ୍ରାନ୍ତର ଅଧକ୍ଷ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

୧୯୮୧ ମସିହା ବେଳକୁ ଯୋଗେନ୍ଦ୍ରଜୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ଦେଶର କଳା ଓ କଳାକାରମାନଙ୍କୁ ଏକତ୍ରିତ କରି ଏକ ରାଷ୍ଟ୍ରୀୟ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହାର ନାମ ରହିଲା ସଂସ୍କାର ଭାରତୀ । ଅଦମ୍ୟ ଉତ୍ସାହ, ଅବିରତ ସଂକଳ୍ପ ଶକ୍ତି ବଳରେ ବାବା ଯୋଗେନ୍ଦ୍ରଜୀ ଏହି ଅନୁଷ୍ଠାନକୁ ଏକ ବିଶାଳ ଅନୁଷ୍ଠାନରେ ପରିଣତ କରିଛନ୍ତି । ବାବା ଯୋଗେନ୍ଦ୍ରଜୀଙ୍କ ଜନ୍ମ ୧୯୨୪ ମସିହା ଉତରପ୍ରଦେଶର ବସ୍ତି ଜିଲ୍ଲାରେ ହୋଇଥିଲା । ୧୯୪୨ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗଦେବା ପରଠାରୁ ସେ ୯୮ ବର୍ଷରେ ଦେହାନ୍ତ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ସକ୍ରିୟତାର ସହ ସଂସ୍କାର ଭାରତୀର ମାର୍ଗ ଦର୍ଶକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତ ଭାରତୀୟ ସାଂସ୍କୃତିକ ସଂଗଠନରେ ଏକ ଅପୂରଣୀୟ କ୍ଷତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ, ସମ୍ବର୍ଦ୍ଧନ କରିବାରେ ସମର୍ପିତ ହୋଇଥିଲା ତାଙ୍କର ଜୀବନ । ନିଜେ ଜଣେ କଳାକାର ଭାବରେ କଳାକାରମାନଙ୍କ ସମସ୍ୟାକୁ ଉପଲବ୍ଧି କରି ସେମାନଙ୍କ କଲ୍ୟାଣ ସାଧନ ପାଇଁ ସେ ବହୁବିଧ ଉଦ୍ୟମ କରି ଆସିଥିଲେ । ସର୍ବଭାରତୀୟ ସଂସ୍କୃତିପୁରୁଷ ଭାବରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ଜୟଦେବ ସେଠ୍, ବିଶ୍ୱନାଥ ବାରିକ, କମଳେଶ ଦାଶ, ଆନନ୍ଦ ଚନ୍ଦ୍ର ପାଣ୍ଡେ, ଜଗନ୍ନାଥ ପଟ୍ଟନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସଂଜୟ କୁମାର ମିଶ୍ର, ଅସିତବରଣ ମହାପାତ୍ର ପ୍ରମୁଖ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ନିତାଇ ନନ୍ଦ, ଦିଲ୍ଲୀପ ଜେନା, ଶ୍ରୀକାନ୍ତ ଦାସ, ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସରସାଇଜ ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସରସାଇଜ ବୈଠକ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓସଡମା ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନର ପଦ୍ମନାଭ ବେହେରା ଯୋଗଦେଇ ୧୯୯୯ ମସିହା ମହାବାତ୍ୟା ପରେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ନିମନ୍ତେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଉପରେ ଗୁରୁତ୍ୱାରୋପ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ କରି ଗ୍ରାମପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଗଠନ କରାଯାଇଥିବା କମିଟିର ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ ଆମେ ଜିଲ୍ଲାରେ ଶୂନ୍ୟ ମୃତ୍ୟୁହାର ପାଇଁ ରାଜ୍ୟରେ ସୁନାମ ଅର୍ଜନ କରିଛୁ ବୋଲି ମତବ୍ୟକ୍ତ କରିଥିଲେ । ବୈଠକରେ ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଅନୀତା ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବେଷାମରିକ ଯୋଗାଣ ଅଧିକାରୀ, ଜଳସେଚନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ, ରାସ୍ତା ଓ କୋଠାବାଡି ଡିଭିଜନର ନିର୍ବାହୀ ଯନ୍ତ୍ରୀମାନେ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସମ୍ପର୍କରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନରଙ୍କୁ ଅବଗତ କରାଇଥିଲେ । ସହକାରୀ




କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ତୃଣମୂଳ ସ୍ତରରେ ଜନ ସଚେତନତା ସୃଷ୍ଟି କରିପାରିଲେ ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା କରିବା ସହ ଧନ ଜୀବନ ହାନୀକୁ ରୋକାଯାଇପାରିବ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ । ଓଡିଶା ୨୦ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ମଧରୁ ମହାକାଳପଡା ଓ ରାଜନଗର ବ୍ଲକର ୨୧ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୭୫ଟି ଗ୍ରାମରେ ବାସ କରୁଥିବା ପ୍ରାୟ ୨ଲକ୍ଷ ୨୦ହଜାର ଲୋକ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ । ଆସନ୍ତା କାଲି ୧୧୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ମକଡ୍ରିଲରେ ନୋଡାଲ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ , ବାତ୍ୟା ଆଶ୍ରୟସ୍ଥଳୀ କମିଟିର ସଭାପତି ଓ ସମ୍ପାଦକମାନେ ଅଂଶଗ୍ରହଣ କରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବନ୍ୟା, ବାତ୍ୟା, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯଥା ଫନି, ହୁଡୁହୁଡୁ, ଜୱାଦ, ୟାଶ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲା ଠାରୁ ଆରମ୍ଭ ଅଗ୍ନିଶମ ଅଧିକାରୀ ଜିଲ୍ଲାରେ କାର୍ଯ୍ୟକ୍ଷମ ୧୦ଟି ଫାୟାର ଷ୍ଟେସନରେ ୩ହଜାର ୨ଶହଟି ଗଛକଟା ମେସିନ କରତ, ୨୨ଟି ଆସକାଲାଇଟକୁ କାର୍ଯ୍ୟକ୍ଷମ କରି ରଖାଯିବା ସହ ପେଟ୍ରୋଲ ଓ ୨ଟି ପ୍ରଭୃତି ଆବଶ୍ୟକ ସରଞ୍ଜାମକୁ ମହଜୁଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ । ଏହି ବୈଠକରେ ରାଜନଗର ଡିଏଫଓ ଯଜ୍ଞଦତ୍ତପତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା, ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦେଶକ ମନ୍ଦରଧର ମାହାଲିକ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଏନଡିଆରଏଫର ସବଇନିସପେକ୍ଟର ଓ ପ୍ରଶିକ୍ଷକ ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଜରୁରୀ ଅଧିକାରୀ ହେମଲତା ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ନିପଥ ଯୋଜନା ବାତିଲ ହେଉ !

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାରଙ୍କର ଅଗ୍ନିପଥ ଯୋଜନାକୁ ଡି.ୱାଇ.ଏଫ୍.ଆଇ. ତୀବ୍ର ପ୍ରତିବାଦ କରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରୁଛି । ଏହା ଏକ ଜାତୀୟ ସ୍ୱାର୍ଥବିରୋଧୀ ନୀତି ବୋଲି ଡିୱାଇଏଫ୍ଆଇ ତରଫରୁ କୁହାଯାଇଛି । ପେସାଦାର/ ବୃତ୍ତିଗତ ସେନାବାହିନୀ ପାଇଁ ଠିକା ଭିତ୍ତିରେ ୪ ବର୍ଷ ପାଇଁ ନିଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା ପେନ୍‌ସନ୍ ଅର୍ଥକୁ ବଞ୍ଚାଇବାକୁ ଯାଇ ସେନାବାହିନୀର ଗୁଣ ଓ ଦକ୍ଷତା ପ୍ରତି ସାଲିସ୍ କରାଯାଇଛି ।

କେନ୍ଦ୍ର ସରକାରୀ ଦପ୍ତରରେ ୨୩ ଲକ୍ଷ ପଦବୀ ଖାଲି ଥିଲାବେଳେ ଗତ ୨ ବର୍ଷ ହେଲା ସେନାରେ ନିଯୁକ୍ତି ଦିଆଯାଇନାହିଁ । ବିଜେପି ସରକାର ବର୍ଷକୁ ୨ କୋଟି ନିଯୁକ୍ତି ଦେବା କଥା କହି ଯୁବକମାନଙ୍କୁ ପ୍ରତାରଣା କରିଛନ୍ତି । ଏତିକିବେଳେ ସ୍ଥାୟୀ ନିଯୁକ୍ତି ନଦେଇ ସେନାରେ ୪ ବର୍ଷିଆ ଠିକା ନିଯୁକ୍ତି ଦେବା ଘୋଷଣା ଯୁବକ ମାନଙ୍କର ଭବିଷ୍ୟତ ପ୍ରତି କୌଣସି ଧ୍ୟାନ ନାହିଁ ବୋଲି ପ୍ରମାଣିତ କରୁଛି । ଏହାର ପରିଣାମସ୍ୱରୂପ ଠିକା ନିଯୁକ୍ତିରେ ତାଲିମପ୍ରାପ୍ତ ଏହି ସୈନିକବଳ ପରବର୍ତ୍ତୀ ସମୟରେ ଘରୋଇ ସଶସ୍ତ୍ରବାହିନୀରେ ପରିଣତ ହେବ ।

ନିଯୁକ୍ତିର ସର୍ବନିମ୍ନ ନିରାପତ୍ତା ନଥାଇ ଆମ ଯୁବକମାନଙ୍କୁ ସର୍ବୋତ୍ତମ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଏକ ଅପରାଧ । ସାରା ଦେଶରେ ଏହି ଭୟଙ୍କର ଯୋଜନା ବିରୁଦ୍ଧରେ ଯୁବକଯୁବତୀ ମାନଙ୍କର ପ୍ରତିବାଦ ପୁଞ୍ଜିଭୂତ ଅସନ୍ତୋଷକୁ ହିଁ ପ୍ରତିଫଳିତ କରୁଚି ।

ଏହି ପରିସ୍ଥିତିରେ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଡି.ୱାଇ.ଏଫ୍.ଆଇ. ଦାବି କରିବା ସହ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରୁଛି ।

# ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି । ଏହି ଟ୍ରାନ୍ସଫରମର ମୁକୁଳା ହେବା ଫଳରେ ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଛନ୍ତି ଓ ସେମାନଙ୍କ ଜୀବନ ମଧ ବିପଦରେ ପଡିଛି । କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଗୋଟିଏ ଗାଈ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ମୃତ୍ୟୁବରଣ କରିଥିଲା ଏବଂ ଏହାପୂର୍ବରୁ ୩/୪ଟି ପଶୁ ଉକ୍ତ ସ୍ଥାନରେ ମୃତ୍ୟୁବରଣ କରିଥିଲେ ଏବଂ କେତେକ ଗୁରୁତର ଭାବେ ଆହତ ମଧ ହୋଇଛନ୍ତି । ଯେହେତୁକି ଟ୍ରାନ୍ସଫରମଟି ମୁକୁଳା ହୋଇପଡିଛି । ରାତ୍ରି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି । ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ । ଯାହାଫଳରେ ସାଧାରଣ ମଣିଷର ଜୀବନ ବାଜିରେ ଲାଗିପଡିଛି । ଏଣୁ ଗାଙ୍ଗୋତ୍ରୀନଗରବାସୀମାନେ ସରକାରଙ୍କୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ସାଧାରଣ ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଅନୁରୋଧ କରିଛନ୍ତି ।

# ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ



ବାଲେଶ୍ୱର (ପିଏନ୍)-ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସ୍ଥାନୀୟ ସଦର ବ୍ଲକ ସାରଗାଁ ସମବାୟ ସମିତିରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । ଚଳିତ ବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲ୍ଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ମୋଟ ୩୪ ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ । ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୋଟ ୪ଲକ୍ଷ ୩୬ହଜାର ୭୬୪ କ୍ୱିଂଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସୁବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଯେଭଳି ସିଧାସଳଖ ଟଙ୍କା ପହଂଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏଙ୍କ ସମେତ, ଯୋଗାଣ ବିଭାଗ କର୍ମଚାରୀ, ସମବାୟ ସମିତିର କର୍ମକର୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


# ବରିଷ୍ଠ ସ୍ତମ୍ଭ ଲେଖକ ଆର୍ତ ମିଶ୍ର ପାଇଲେ ଅଷ୍ଟାଦଶ ନାରଦ ସମ୍ମାନ

ଭୁବନେଶ୍ୱର (ପିଏନ୍): ଅର୍ଦ୍ଧ ଶତାବ୍ଦୀର ସାମ୍ବାଦିକତା ଓ ସ୍ତମ୍ଭ ରଚନା ସମୟ ମଧରେ ତିନି ଦଶନ୍ଧି ଇଂରାଜୀ ଭାଷାରେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଭାଷାରେ ସାଧନା ଜାରି ରଖିଥିବା, ଯାହାଙ୍କର ରୋକ୍ ଠୋକ୍ ଶବ୍ଦ ଓ ବେସାଲିସ ଆଭିମୁଖ୍ୟ ତାଙ୍କୁ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସ୍ତମ୍ଭକାର ଭାବେ ପରିଚିତ କରାଇଛି, ସେଭଳି ଜଣେ ଦେଶପ୍ରେମୀ ସ୍ତମ୍ଭକାର ଶ୍ରୀ ଆର୍ତ ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୨ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭ ଲେଖକ ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀଯୁକ୍ତ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡଭୋକେଟ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଶ୍ରୀ ସାଇ ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରଦ ଜୟନ୍ତୀ ସମାରୋହ ସମିତିର ବରିଷ୍ଠ ସଦସ୍ୟ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ଗଣମାଧମରେ ସ୍ୱାଧୀନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ, ମୁକ୍ତ ଓ ଦାୟିତ୍ୱସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀଚାଳନା କରୁଥିବା ଗଣମାଧମର ବ୍ୟକ୍ତିତ୍ୱଙ୍କୁ ପ୍ରତିବର୍ଷ ନାରଦ ଜୟନ୍ତୀରେ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା, ଶ୍ରୀ ଭଗବାନ ନାୟକବର୍ମା, ଶ୍ରୀ ରାଜାରାମ ଶତପଥି, ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତଃ ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ସୁଧିର କୁମାର ଦାଶ, ସ୍ୱର୍ଗତଃ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ, ଶ୍ରୀ ଭାଗିରଥି ମହାସୁଆର, ଶ୍ରୀ ଭାସ୍କର ପରିଚ୍ଛା, ଶ୍ରୀ ପ୍ରଭୁକଲ୍ୟାଣ ମହାପାତ୍ର, ଶ୍ରୀ ପ୍ରତାପ ମହାନ୍ତି, ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ଶିବନାରାୟଣ ସିଂହ, ଶ୍ରୀ ତପନ ମିଶ୍ର ଓ ଶ୍ରୀ ସୁବ୍ରତ ଦାଶ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ମନରେଗା କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ଖଲଣା ସରପଂଚ

ଘଷିପୁରା (ପିଏନ୍): ଘଷିପୁରା ପଞ୍ଚାୟତ ସମିତି ଅନ୍ତର୍ଗତ କିଛି ଗ୍ରାମପଂଚାୟତରେ ମନରେଗା କାର୍ଯ୍ୟ ଗୁଡିକ ମେସିନ୍ ସାହାଯ୍ୟରେ ହେଉଥିବା ଅଭିଯୋଗଗୁଡିକ ଅନେକବାର ବିଭିନ୍ନ ଗଣମାଧମରେ ପ୍ରକାଶିତ ହେଉଥିବା ବେଳେ ଘଷିପୁରା ବ୍ଲକ ଖଲଣା ଗ୍ରାମ ପଂଚାୟତରେ ବିଭିନ୍ନ ମନରେଗା କାର୍ଯ୍ୟକୁ ଶ୍ରମିକ ଲଗାଇ ସ୍ଥାନୀୟ ସରପଂଚ କରାଉଥିବା ଦେଖାଯାଇଛି । ଗୋଟିଏ ରାସ୍ତା କାମରେ ପାଖାପାଖି ୧୦୦ ଜଣ ଲୋକ କାମ କରୁଥିବା ଦେଖିବାକୁ ମିଳିଥିବା ବେଳେ ଏଥିରୁ ପ୍ରମାଣିତ ହେଉଛି ଯେ ଶ୍ରମିକମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବାବେଳେ କିଛି ଅସାଧୁ ଠିକାଦାର ଜବରଦସ୍ତି ମେସିନ୍ ଲଗାଇ କାର୍ଯ୍ୟ କରି ଶ୍ରମିକ ପେଟକୁ ଲାତ ମାରୁଛନ୍ତି । ୧୦୦ ଶ୍ରମିକ କାମ କରୁଥିବା ଭିଡିଓ ଭାଇରାଲ ହେବା ପରେ ଖଲଣା ସରପଂଚ ଜ୍ୟୋସ୍ନାରାଣୀ ନାୟକ ଓ ତାଙ୍କ ପରାମର୍ଶଦାତା ଟିକନ ମାଝୀଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଏଭଳି ଏକ ବିରଳ ଉଦାହରଣ ଘଷିପୁରା ପଂଚାୟତ ସମିତି ଅନ୍ତର୍ଗତ ଅନ୍ୟ ସରପଂଚମାନଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଅନ୍ଧାରରେ ୧୫ ପିଲାଙ୍କ ଭବିଷ୍ୟତ, ଭଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର (ପିଏନ୍): ଲିଙ୍ଗିପୁର ଗ୍ରାମପଂଚାୟତ (ଗାଙ୍ଗୋତ୍ରୀ ନଗର)ରେ ଥିବା ଅଙ୍ଗନବାଡି କେନ୍ଦ୍ର ବିଗତ ବହୁବର୍ଷ ହେଲା ଅବ୍ୟବସ୍ଥାରେ ଚାଲିଛି । ଖୋଦ୍ ରାଜଧାନୀ ଉପକଣ୍ଠରେ ଏହିଭଳିଆ ଅବସ୍ଥା । ୨୦୧୦ ମସିହାରୁ ଏହି ଅଙ୍ଗନବାଡି କେନ୍ଦ୍ର ଚାଲୁରହିଛି । ଏହି ଅଙ୍ଗନବାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତିଭୂମି, ମୌଳିକ ସୁବିଧା ପିଲାମାନଙ୍କୁ ମିଳିପାରୁନାହିଁ । ଏହି ଅଙ୍ଗନବାଡି କେନ୍ଦ୍ରଟି ବହୁ ଦୁର୍ଦ୍ଦଶାରେ ଗତି କରୁଛି । ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଶିକ୍ଷା ଏକ ମୌଳିକ ଅଧିକାର । କିନ୍ତୁ ଯେଉଁଭଳିଆ ଭାବରେ ପ୍ରଶାସନ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ସାବତ ପୁଅ ପରି ବ୍ୟବହାର କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ । ମାସକୁ ୨୬୦୦ଟଙ୍କା ଟଙ୍କା ଦେଇ ଅଙ୍ଗନବାଡି କେନ୍ଦ୍ର ଚଳାଇବା ଏକ କାଠିକର ପାଠ ବ୍ୟାପାର । ସିଡିପିଓ ଏହି ବିଷୟରେ ଅବଗତ ଥିଲେ ମଧ ଏବଂ ସରକାର ଏହି ଅଙ୍ଗନବାଡି କେନ୍ଦ୍ର ବିଷୟରେ ଅବଗତ ଥିଲେ ମଧ ଏହି ସମସ୍ୟାର ସମାଧାନ ପାଇଁ ବିଶେଷ କିଛି କରିନଥିବା ଜଣାପଡିଛି । ଆଗକୁ ବର୍ଷା ଦିନ ଆସୁଛି କୋଉଭଳି ଭାବେ ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ନହେବ ଉଚ୍ଚକର୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି । ଗାଙ୍ଗୋତ୍ରୀ ନଗର ଭିତରେ ଏକ ସ୍ଥାୟୀ ସରକାରୀ ଜାଗାକୁ ଅଙ୍ଗନବାଡି କେନ୍ଦ୍ର ନାଁରେ କରିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ଉଚ୍ଚକର୍ତୃପକ୍ଷଙ୍କର ଇଚ୍ଛାଶକ୍ତି ଅଭାବରୁ ଏହା ହୋଇପାରୁନାହିଁ । ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନଠାରୁ ଆରମ୍ଭ କରି ଛୋଟ ପିଲାମାନଙ୍କର ରୋଷେଇ କରିବା ପାଇଁ ସ୍ଥାନର ଘୋର ଅଭାବ ଦେଖାଦେଇଛି । ଜିଲ୍ଲାପାଳଙ୍କୁ ବିଶେଷ ଭାବରେ ଅନୁରୋଧ କରାଯାଇଛି ଯେ ଛୋଟ ଛୁଆଙ୍କର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆନଯାଇ ଏକ ସ୍ଥାୟୀ ଜାଗା କିମ୍ବା ଘର ତୁରନ୍ତ ଅଙ୍ଗନବାଡି କେନ୍ଦ୍ରକୁ ଦିଆଯାଉ ।

# ପ୍ରାକ୍ତନ ଅଧକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା କଲେଜରେ ଶୋକ

କେନ୍ଦ୍ରାପଡ଼ା (ପିଏନ୍): କଲେଜର ପ୍ରାକ୍ତନ ଅଧକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ରୋଗରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ କ୍ୟାପଟେନ ଶତପଥୀଙ୍କ ଦେହାନ୍ତ ହୋଇଯାଇଛି । ଗତ ୧୯୮୫ରୁ ୧୯୮୭ମସିହା ପର୍ଯ୍ୟନ୍ତ ସ୍ୱର୍ଗତଃ ଶତପଥୀ ଏହି କଲେଜର ଅଧକ୍ଷ ଭାବେ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଶୈକ୍ଷିକ ବାତାବରଣରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ସଭା ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକସଭାରେ ପ୍ରାଧ୍ୟାପକ ଡଃ. ଦେବେନ୍ଦ୍ର ଗୋଛାୟତ, ସେଖ ସାହାବୁଦ୍ଦିନ ଅଲ୍ଲୀ, ଡଃ. ଜ୍ଞାନୀନ୍ଦ୍ର ଦାଶ, ବିଶ୍ୱରଞ୍ଜନ ପୁହାଣ, ରଞ୍ଜିତ କୁମାର ଦାସ ପ୍ରମୁଖ ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱର୍ଗତଃ ଶତପଥୀଙ୍କ କାର୍ଯ୍ୟାଧାରା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ଶତପଥୀଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଏକ ଶୋକବାର୍ତ୍ତା ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥି




# ଧାମରା ଥାନା ଷ୍ଟାଫ ଏତଲାକାରୀଙ୍କ ଗାଡିକୁ କବାଡିଆକୁ ବିକ୍ରି କରୁଥିବା ଫଟୋ ଗଣମାଧ୍ୟମରେ ଭାଇରାଲ, ଗାଡିର ମାଲିକାଣୀ ନ୍ୟାୟାଳୟର ଦ୍ୱାରସ୍ଥ

ଭଦ୍ରକ, (ପି.ଏନ): ଗତ ୧୮ ତାରିଖରେ ଧାମରା ଥାନାର ଜଣେ ଷ୍ଟାଫ ନିଜକୁ ହାବିଲଦାର କହି ଆସି ଧାମରା ପୁରୁଣା ଫାଣ୍ଡିରେ ସିଜ ହୋଇ ପଡିଥିବା ୨ଟି ୪ଚକିଆ ଯାନକୁ କବାଡିଆ କୁ ବିକ୍ରି କରୁଥିବା ଫଟୋ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କେଉଁ ପରିସ୍ଥିତିରେ ଧାମରା ଥାନାର ଜୈନିକ ଷ୍ଟାଫ ନିଜ ଥାନାର କେସ ହୋଇ ନଥିବାବେଳେ ୨ଟି ଗାଡିକୁ କବାଡିଆକୁ ବିକ୍ରି କଲେ ତାହା ତଦନ୍ତ ସାପେକ୍ଷ ହୋଇ ପଡିଛି। ଏହି ଘଟଣାରେ ସଂପୃକ୍ତ ଥାନାର କେଉଁ କେଉଁମାନେ ସଂଶ୍ଲିଷ୍ଟ ଅଛନ୍ତି ତାହାର ବିଦ୍ଧିବଦ୍ଧ ତଦନ୍ତ ହେବା ସହ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗାଡିର ମାଲିକାଣୀ ଆଜି ଚାନ୍ଦବାଲି କୋର୍ଟରେ ଆଶ୍ରୟ ନେଇଥିବା ବେଳେ ଭଦ୍ରକ ଏସପିଙ୍କୁ ଭେଟି ଏ ବାବଦରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଅନ୍ୟ ପକ୍ଷରେ ଏହି ଗାଡିର ମାଲିକ ବର୍ତମାନ ଜିବୀତ ନଥିବାବେଳେ ଏହି ମାଲିକଙ୍କ ଭାଇକୁ ଧାମରା ଥାନାଧିକାରୀ ଡାକି କଥାକୁ ଚପାଇ ଦେବା ସହ ରଫାଦଫା କରିବାକୁ ଉଦ୍ୟମ ଚଳାଇ ସେଥିରେ ବିଫଳ ହୋଇଥିବା ଜଣାଯାଇଛି।ଧାମରା ଥାନାର ଅସାଧୁ କର୍ମଚାରୀ ମାନଙ୍କର ଏଭଳି ଦୋଷାବହ କାର୍ଯ୍ୟକୁ ସଂପୃକ୍ତ ଥାନାଧିକାରୀ କିପରି ଘଂଟ ଘୋଡାଇବା ସହ ଏସପିଙ୍କ ଆଖିରେ ଧୂଳି ଦେଇ ଖସିବେ ତାହା ମଧ୍ୟ ଚର୍ଚାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ ୨୦୦୮ ମସିହାରେ କଳ୍ପନା ଯେନା ଙ୍କ ସ୍ୱାମୀ ସଦାନନ୍ଦ ଜେନା ମରିଯିବା ପରେ ନିଜର ଦାବୀ ରଖିବାକୁ ଯାଇ ନିଜ ଶ୍ୱଶୁର ଘରେ ଥିବା ଓଆର ୦୫ପି୮୦୬୫ କମାଣ୍ଡର ଗାଡି ଏବଂ ଓଆର୨୨ ୩୦୬୫ ,୪୦୭ ଗାଡିକୁ ନେବା ପାଇଁ ଧାମରା 'ାଣ୍ଡିରେ ଏତଲା ଦେଇଥିଲେ। ଏହାକୁ ନେଇ ବାଂଶଡା ଥାନାରେ ୭୪/୨୦୦୮ରେ ଏକ କେସ ରୁଜୁ ହୋଇଥିଲା। ଘଟଣା ଦିନ ଧାମରା ଥାନାର ଜନୈକ କର୍ମଚାରୀ ଉପସ୍ଥିତ ରହି ସେହି ଜବତ ହୋଇଥିବା ଗାଡିକୁ କବାଡିଆ ମାନଙ୍କ ଦ୍ୱାରା ଇଲେକ୍ଟ୍ରିକ କଟର ଦ୍ୱାରା କାଟି ଏକ ପିକଅପରେ ଲୋଡ କରୁଥିବା ଦେଖିବାକୁ ମିଳିଥିଲା । ଏହି ଫଟୋଟି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସଂପୃକ୍ତ ଥାନାର ଥାନାଧିକାରୀ କିପରି ନିଜର ଷ୍ଟାଫଙ୍କୁ ବଂଚାଇବେ ସେଥିପାଇଁ ବହୁ ପ୍ରୟାଶ ଚଳାଇଛନ୍ତି ।ଅନ୍ୟ ପକ୍ଷରେ ଏହି ଚୋରୀ ଘଟଣାରେ ସଂପୃକ୍ତ ଦୋଷୀ ମାନଙ୍କୁ ଏବଂ ଏହି କବାଡିଆ ଗାଡିକୁ ନେଇ ଯାଉଥିବା ପିକଅପ କୁ ନେଇ ଗାଡି ମାଲିକଙ୍କ ସାନଭାଇ ଧାମରା ଥନାରେ ଜିମା ଦେଇଥିବା ବେଳେ କେଉଁ ପରିସ୍ଥିତିରେ ସମସ୍ତଙ୍କୁ ଛାଡି ଦେଲେ ତାହା ମଧ୍ୟ ଚର୍ଚାର କେନ୍ଦ୍ରବିନ୍ଦୁ।ଏହି ଘଟଣା ଏବଂ ଧାମରାରେ କ୍ଷେପଣାସ୍ତ୍ରର ଭଗ୍ନ ଯନ୍ତ୍ରାଂଶକୁ ତରଳାଉଥିବା କେସରେ ଧାମରାର ଏକ ମୋବାଇଲ ଦୋକାନୀ ଏବଂ କଇଥଖୋଲାର ଏକ କବାଡିଆ ଦୋକାନୀର ୪ଜଣ କର୍ମଚାରୀ ସଂପୃକ୍ତ ଥିବା ବେଳେ ସେମାନଙ୍କୁ କିପରି ଧାମରା ଥାନାଧିକାରୀ ନିଜର ଆସନ ବଂଚାଇବାକୁ ଯାଇ ଛାଡିଦେଲେ ତାହା ମଧ୍ୟ ପ୍ରଶ୍ନବାଚୀ ହୋଇ ପଡିଥିବା ବେଳେ ଗାଡିର ମାଲିକାଣୀ ସମସ୍ତଙ୍କୁ ପକ୍ଷଭୁକ୍ତ କରି ନ୍ୟାୟ ପାଇବା ଆଶାରେ ଭଦ୍ରକ ଏସପି ଏବଂ ନ୍ୟାୟାଳୟ ଭରଷାରେ ସମୟ ଅତିବାହିତ କରୁଛନ୍ତି। ଦେଖାଯାଉ ଆଗକୁ କେଉଁ ମାନେ ଦୋଷୀ ବିବେଚିତ ହେବା ସହ କେଉଁ ମାନଙ୍କୁ ଖସାଇ ଦିଆଯିବ !

## କିଡ଼ନୀ ରୋଗରେ ଆକ୍ରାନ୍ତ ବିଶ୍ୱଜିତଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଚମ୍ପୁଆ, (ପି.ଏନ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ଗ୍ରାମର ବିଶ୍ୱଜିତ ଗିରି (୨୮) କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି କ୍ଷ ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତସ୍ଥ ରଜିଆ ଗ୍ରାମର ରାଜକିଶୋର ଗିରି କୃଷି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି କ୍ଷ ପରିବାରରେ ତାଙ୍କ ପୁତ୍ର ବିଶ୍ୱଜିତ ଗିରି ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାବେଳେ ତାଙ୍କର ଜଣେ ଭଉଣୀ ଏବଂ ବାପା, ମା ଅଛନ୍ତି କ୍ଷ ଚାଷ କାର୍ଯ୍ୟ କରି କୌଣସି ମତେ ପରିବାର ପ୍ରତିପୋଷଣ କରିଆସୁଥିବା ବିଶ୍ୱଜିତକୁ ହଠାତ ଗୋଡ଼ ଫୁଲିବା ଓ ବାରମ୍ବାର ଦେହ ଖରାପ ହେବା କାରଣରୁ ପରିବାରଲୋକେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ନେଇ ଥିଲେ କ୍ଷ ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବାପରେ କୀଡୀନି ଖରାପ ଥିବା କଥା ଜଣାପଡିଥିଲା କ୍ଷ ସେହି ଦିନ ଠାରୁ ସେ ଆଜକୁ ପ୍ରାୟ ତିନି ବର୍ଷ ହେବ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ଏବଂ ଏଥିପାଇଁ ତାଙ୍କୁ ବ୍ୟୟ ବହୁଳ ଡାଏଲିସିସ କରିବାକୁ ପଡୁଅଛି କ୍ଷ ସରକାରଙ୍କ ପକ୍ଷରୁ ଡାଏଲିସିସ ମାଗଣାରେ କରାଯାଉଥିଲେମଧ ମୂଲ୍ୟବାନ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ତାଙ୍କୁ ଅର୍ଥର ବହୁତ ଅଭାବ ପରିଲକ୍ଷିତ ହେଉଛି କ୍ଷ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ତିନି ବର୍ଷ ଧରି ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ରହିବାପରେ ଆଉ କୌଣସି ଖର୍ଚ୍ଚ ବହନ କରିବା ପାଇଁସକ୍ଷମ ନ ହେବା କାରଣରୁ ଠିକ ଭାବେ ଚିକିତ୍ସା ହୋଇ ପାରୁନଥିବା ପ୍ରକାଶ କରିଛନ୍ତି ପରିବାର ଲୋକ କ୍ଷ ତେଣୁ ତାଙ୍କ ସମସ୍ୟକ୍ଷକୁ ହୃଦୟଙ୍ଗମ କରି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ତଥା ସାହାଯ୍ୟ କରିବାପାଇଁ ପରିବାର ପକ୍ଷରୁ ତାଙ୍କ ମା ନିବେଦନ କରିଛନ୍ତି

# ପୌର ବିବାଦ ଥମୁନି, ସମସ୍ୟାର ସମାଧାନ ପାଇଁ ଶତାଧିକ ଜନସାଧାରଣ ଜିଲାପାଳଙ୍କୁ ଭେଟିଲେ

ଭଦ୍ରକ, (ପି.ଏନ): ଭଦ୍ରକ ପୌରପାଳିକାର ବିବାଦ ଥମୁନି ବରଂ ବଢିବାରେ ଲାଗିଛି। ରାଜନୀତିକି ପ୍ରଶାସନିକ ସ୍ଥାଣୁତା ଏହି ବିବାଦୀୟ ପରିସ୍ଥିତିକୁ ଅଧିକ ଜଟିଳ କରିଦେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ପୌର ନିର୍ବାହୀ ଅଧିକାରୀଙ୍କୁ କେନ୍ଦ୍ରକରି ଏବେ ଦୁଇଗୋଷ୍ଠୀ ମଧ୍ୟରେ ମତଭେଦ ଯୋଗୁଁ ପୌର କାର୍ଯ୍ୟାଳୟରେ ଗତ କିଛିଦିନ ଧରି ଅଚଳାବସ୍ଥା ସୃଷ୍ଟି କରିଛି। ପୌର ପାରିଷଦ ଏହାକୁ ନେଇ ଦୁଇଭାଗରେ ବିଭକ୍ତ ହୋଇଛି। ଗୋଟିଏ ଗୋଷ୍ଠୀ ପୌର ନିର୍ବାହୀ ଅଧିକାରୀଙ୍କୁ ସମର୍ଥନ କରୁଥିବାବେଳେ ଆଉ ଗୋଟିଏ ଗୋଷ୍ଠୀ ନିର୍ବାହୀ ଅଧିକାରୀଙ୍କ ତୁରନ୍ତ ବଦଳି ଦାବି କରିଛନ୍ତି। ବଦଳି ନହେଲେ ଏକ ବଡ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ପୌରା ଳର ଶତାଧିକ ଜନସାଧାରଣ ଆଜି ସନ୍ଧ୍ୟାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ ପୌର ନିର୍ବାଚନ ୮ ମାସ ବିତିଗଲାଣି। ପୌରାଧ୍ୟକ୍ଷାଙ୍କୁ ପୌର ନିର୍ବାହୀ ଅଧିକାରୀ କୌଣସି କାର୍ଯ୍ୟରେ ସହଯୋଗ କରୁନାହାଁନ୍ତି। ଫଳରେ ଜନସାଧାରଣଙ୍କ ସର୍ବନିମ୍ନ ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଭତା ହେଉ କିମ୍ବା ରାସନ୍ କାର୍ଡରୁ ବାଦ୍ ପଡିଥିବା ପରିବାରଙ୍କ ନାମ ସଂଯୋଗ ହେଉ ପୌରାଧକ୍ଷା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏହିସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସମାଧାନ ହେଉନାହିଁ। ଏହାବ୍ୟତୀତ ସହରର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ପୌରାଧକ୍ଷଙ୍କୁ ଏକ ପ୍ରକାର ବାସନ୍ଦ କଲାଭଳି ଜଣାପଡୁଛି। ଭଦ୍ରକ କଲେଜର ପୌରାଧକ୍ଷ ପୁରାତନ ଛାତ୍ରୀ ହୋଇଥିଲେ ମଧ କଲେଜର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଆମନ୍ତ୍ରଣ କରାଯାଉନାହିଁ। ନିକଟରେ ହୋଇଥିବା ଜିଲା ନିଯୁକ୍ତି ମେଳାକୁ ମଧ ପୌରାଧକ୍ଷାଙ୍କୁ ଡକାଯାଇନାହିଁ। ୮ ମାସ ଧରି ବହୁତ ସହିଲୁଣି, ଏବେ ଅସହ୍ୟ ହୋଇପଡିଲାଣି। ଏହିସବୁ ଅବ୍ୟବସ୍ଥାର ସମାଧାନ ପାଇଁ ଆଜି ଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିବାକୁ ଆସିଛୁ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମନୋରଂଜନ ଦାସ, ଶରତ ଚନ୍ଦ୍ର ଦାସ, ମହେଶ୍ୱର ରାଉତ, ବଟକୃଷ୍ଣ ନାୟକ, ଭାଗୀରଥି ମହାନ୍ତି, ଦୁଃଶାସନ ପୃଷ୍ଟି, ଅଭିମନ୍ୟୁ ଦାଶ, ସୁଶାନ୍ତ ରାଉତ, ବିଜୟ କୁମାର ରାଉତ, ସେକ୍ ନୁର ମଜାସମ୍, ସେକ୍ ଗୋଲାମ ଅଜମେର, ଆସିଫ୍ ଅଲ୍ଲୀ ଖାନ, ସେକ୍ ସିରାଜୁଦ୍ଦିନ୍, ସେକ୍ ମୁସ୍ତାକିନ୍, ମିର୍ ସମସୁଲ, ମିର୍ଜା ମୋଜାହିଦ୍ ବେଗ୍ଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।।

# ଠିକାଦାରଙ୍କ ମନମାନିରେ ଚାଲିଛି ଗ୍ରାମାଂଚଳରେ ସୋକ୍ପିଟ୍ ଓ ଆବର୍ଜନାକୁଣ୍ଡ ନିର୍ମାଣ : ଉଚ୍ଚସ୍ତରୀୟ ତଦନ୍ତ ଦାବି

ସାଲେପୁର,(ପି.ଏନ): ଗ୍ରାମାଂଚଳରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତାରେ ବ୍ୟକ୍ତିଗତ ସୋକ୍ପିଟ୍ ନିର୍ମାଣ ପାଇଁ ୩୫୦୦ ଟଙ୍କା ଓ ଗ୍ରାମପଂଚାୟତ ପକ୍ଷରୁ ୧୫୦୦ ଟଙ୍କା ଏପରି ୫ ହଜାର ଟଙ୍କା ଯୋଗାଇ ଦିଆଯାଉଛି । ସେହିପରି ସରକାରୀ ନଳକୂପର ଆବର୍ଜନା ପାଣି ଷ୍ଟକ୍ ରଖିବା ପାଇଁ ସୋକ୍ପିଟ୍ ନିର୍ମାଣ ପାଇଁ ଯୋଜନା ରହିଛି । ତତ୍ସହିତ ପ୍ରତି ୱାର୍ଡ୍ ର ଛକରେ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଗୋଟିଏ ସ୍ଥାନରେ ପକାଇବା ପାଇଁ ୩୫ ହଜାର ଟଙ୍କା ବିନିମୟରେ ଆବର୍ଜନାକୁଣ୍ଡ କରାଯିବା ପାଇଁ ସରକାର ଅନୁଦାନ ଦେଉଥିଲା ବେଳେ ପ୍ରତି ୱାର୍ଡରୁ ଆବଜନାକୁ ସଂଗ୍ରହ କରି ପଂଚାୟତର ଏକ ସ୍ଥାନରେ ଠୁଳ କରିବା ପାଇଁ ୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ଗୋଷ୍ଠୀ ଆବର୍ଜନା କେନ୍ଦ୍ର ନିର୍ମାଣ କରିବା ପାଇଁ ସରକାର ଯୋଗାଇ ଦେଉଛନ୍ତି । ପ୍ରତିୱାର୍ଡର ଆବର୍ଜନାକୁ ପଂଚାୟତରେ ହୋଇଥିବା ଗୋଷ୍ଠୀ ଆବର୍ଜନା କେନ୍ଦ୍ରକୁ ନେବା ପାଇଁ ପଂଚାୟତର ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାସିକ ଦୁଇ ହଜାର ଟଙ୍କା ପାରିଶ୍ରମିକ ମଧ ଦିଆଯିବାର ବ୍ୟବସ୍ଥା ହୋଇଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଂଚାୟତରେ ପ୍ରଥମ ପର୍ଯ୍ୟାୟରେ ବ୍ୟକ୍ତିଗତ ସୋକ୍ ପିଟ୍ ୩୦୪୪ ଗୋଟି ଅନୁମୋଦିତ ହୋଇଥିଲା ବେଳେ ସରକାରୀ ସୋକ୍ପିଟ୍ ୨୪୧୬ଟି ନିର୍ମାଣ ପାଇଁ ଅନୁମୋଦିତ ହୋଇଛି । ସୋକ୍ପିଟ୍ ନିର୍ମାଣ ପାଇଁ ୫ ହଜାର ଟଙ୍କା ବିନିମୟରେ ୬ଟି ନନ୍ଦ ଓ ଏକ ଘୋଡଣୀ ମିଶି ୭ଟି ପକାଯିବାର ବିଭାଗୀୟ ଅଧିକାରୀ ତାଗିଦ୍ କରୁଥିଲା ବେଳେ ପଂଚାୟତର ରାଜନୈତିକ ଠିକାଦାରମାନେ ମାତ୍ର ୪ ପଟ ନନ୍ଦ ଓ ଏକ ଘୋଡଣୀ ଦେଇ ହିତାଧିକାରୀଙ୍କ ଠାରୁ ୨ ଶହ ଟଙ୍କା ମଧ ଆଦାୟ କରୁଥିବା ନଜିରକୁ ଆସିଛି । ସରକାରଙ୍କ ପକ୍ଷରୁ ଏହି ଯୋଜନା ଯୋଗାଇ ଦିଆଯାଉଥିଲା ବେଳେ ପଂଚାୟତର କୁଜିନେତାମାନେ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରିବାର କି ସ୍ୱାର୍ଥ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି ।ପ୍ରକାଶ ଥାଉକି, ଆବର୍ଜନା କୁଣ୍ଡ ନିର୍ମାଣରେ ସରକାରୀ ନିୟମକୁ ଉଲଘଂନ କରି ଠିକାଦାରମାନେ ନିଜ ଇଛା ମୁତାବକ ଆବର୍ଜନା କୁଣ୍ଡ ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଏପରିକି ଏହି ବ୍ଲକରେ କାମର ଅନିୟମିତତା ହୋଇଥିବା ସୂଚନା ଅଧିକାର ଆଇନରୁ ଜଣାପଡିଛି । କଟକ ଜିଲ୍ଲାପାଳ ଓ ଭିଜିଲାନ୍ସ ପକ୍ଷରୁ ଏହି କାମର ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି ।

# ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, (ପି.ଏନ):ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଉଲୁଣ୍ଡା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୨୮ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୧ ଗୋଟି ଓ ସାମୁହିକ ଦରଖାସ୍ତ ୭ ଗୋଟି ରହିଛି। ଗ୍ରହଣ ୨୮ ଗୋଟି ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୦ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ହେମସାଗର ଭୋଇଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ବ୍ଲକ ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ତହସିଲଦାର ବିପିନ୍ କୁମାର ପ୍ରଧାନ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।ଏହି ଶିବିରରେ ସରକାରଙ୍କ ମଧୁବାବୁ ଭତା ଯୋଜନାରେ ବ୍ଲକ ଅନ୍ତର୍ଗତ କୋଟସମଲେଇ ପଂଚାୟତ ମହୁଖଣ୍ଡି ଗ୍ରାମର ନିରାଶା ମୁଣ୍ଡା, ମୁଣ୍ଡୋଘାଟ ପଂଚାୟତ ବିଜେପୁର ନିବାସୀ କସ୍ତୁରୀ ମହାନ୍ତି, ଉଲୁଣ୍ଡା ଗ୍ରା. ପ. ଅନ୍ତର୍ଗତ ପୁଟୁରୁପାଲି ନିବାସୀ କସ୍ତୁରୀ ବାରିକ ଓ ବଡାଲି ଗ୍ରାମର ସସ୍ମିତା ଜାଲଙ୍କ ସହ ମହୁଲପାଲି ନିବାସୀ ସୁନିତା ପଧାନ ପ୍ରମୁଖ ପାଂଚ ଜଣଙ୍କୁ ଟଙ୍କା ୫୦୦ ଲେଖାଏଁ ଭତା ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ।

## ପଶ୍ଚିମ ଓଡ଼ିଶା ଯୁବାମଂଚ ନୂଆପଡ଼ା ଶାଖାର ପ୍ରଥମ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା, (ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ପଶ୍ଚିମ ଓଡ଼ିଶା ଯୁବା ମଂଚ ନୂଆପଡ଼ା ଶାଖାର ପ୍ରଥମ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନିଲ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନୂଆପଡ଼ା ଜିଲ୍ଲାର ପାଂଚ ଗୋଟି ବ୍ଲକରୁ ଯୁବା ମଂଚର ସଦସ୍ୟ ମାନେ ଯୋଗଦେଇ କୋଶଳ ଆନ୍ଦୋଳନକୁ କିପରି ସଫଳ କରାଯାଇ ପାରିବ, ଜିଲ୍ଲାର ବିଭିନ୍ନ ସମସ୍ୟା, ସ୍ଥାନୀୟ ସମସ୍ୟା ଆଦି ଉପରେ ଗୁରୁତ୍ୱ ଦେଇ ତାର ସମାଧାନ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ମାନସ କୁମାର ସାହୁ ଆବାହକ ଥିବାବେଳେ ବଲାଙ୍ଗୀର ବରଗଡ଼ରୁ ଯୁବାମଂଚର ଅନେକ ସଦସ୍ୟ ଅଭିଷେକ ଦାସଙ୍କ ତତ୍ୱାବଧାନରେ ଯୋଗଦେଇ ଯୁବା ମଂଚ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ।ଏହି ବୈଠକରେ କପିଳେନ୍ଦ୍ର ଭୋଇ, ରାଜା ବୈଠାରୁ, ହରେକୃଷ୍ଣ ଭୋଇ, ଦେବାଶିଷ ନାଗ, ଜୟକାନ୍ତ ସାହୁ, ସସ୍ମିତ ଦଣ୍ଡସେନା ତଥା ଶତାଧିକ ପଶ୍ଚିମ ଓଡ଼ିଶା ଯୁବା ମଂଚର ସଦସ୍ୟ ଯୋଗ ଦେଇଥିଲେ।

## ଫିରିଙ୍ଗିଆରେ,ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,(ପି.ଏନ): ଯୁବପିଢି ମାନଙ୍କ ମନରେ ଉଦ୍ୟୋଗୀ ସଚେତନତା ଉଦେଶ୍ୟରେ ରବିବାର ଫିରିଙ୍ଗିଆ ମହାବିଦ୍ୟାଳୟ ରେ ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାରତ ସରକାର ଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗୀ ମନ୍ତ୍ରାଳୟ ସହାୟତାରେ ଇ.ଡି.ଆଇ ଇଣ୍ଡିଆ ର ପରାମର୍ଶ କ୍ରମେ ସ୍ୱାତୀ, କନ୍ଧମାଳ ଓ କୋଶିଶ, ଭୁବନେଶ୍ୱର ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା ପିଲା ମାନଙ୍କ ମଧ୍ୟରେ କିପରି ଉଦ୍ୟୋଗୀ ହେବାର ଇଛା କୁ ବଢାଇବା ଓ ସରକାର ଙ୍କ ଯୋଜନା ବିଷୟରେ ବିଭିନ୍ନ ସହାୟତା ଆଦି ଅଂଶଗ୍ରହଣକାରୀ ଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା ସ୍ୱାତୀ ର ସଂପାଦକ ଇଂ ହରି ଶଙ୍କର ରାଉତ ବିଭିନ୍ନ ଉଦ୍ୟୋଗୀ ବିକାଶ ର ଅନୁଭୁତି ଓ ପ୍ରଣାଳୀ ପ୍ରଶିକ୍ଷଣ ମାଧ୍ୟମରେ କହିଥିଲେ । ବିନା ପଇସା ବା କମ୍ ପଇସାରେ କିପରି ଛୋଟ ଛୋଟ କାର୍ଯ୍ୟକ୍ରମ ହାତକୁ ନେଇ ନିଜର ଦକ୍ଷତା କୁ ବୃଦ୍ଧି କରି ଆଗକୁ ଯାଇପାରିବେ ତା ପ୍ରତି ଦୃଷ୍ଟି ଆକର୍ଶଣ କରିଥିଲେ। ପ୍ରଦିପ କୁମାର ସ୍ୱାଇଁ ପି.ଏମ୍.ଇ.ଜି.ପି, ଯୋଜନା ବିଷୟରେ ପ୍ରଶିକ୍ଷାର୍ଥି ଙ୍କୁ କହିଥିଲେ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Sunday November 27, 2022 ଭୁବନେଶ୍ୱର ରବିବାର, ନଭେମ୍ବର ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ତୁଳସୀ କଲଚରାଲ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଅଗ୍ରଣୀ ସାଂସ୍କୃତିକ ନାଟ୍ୟ ସଂଗଠନ ତୁଳସୀ କଲଚରାଲ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ଇଚ୍ଛାପୁର ନିକଟସ୍ଥ ଏକମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ଆସୋସିଏସନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହିତ ନୂତନ କମିଟି ଚୟନ କରାଯାଇଥିଲା । ଏହି ଅବସରରେ ଔପନାସିକ ଡଃ. ରାମଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇ ତାଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ଉପ ସଭାପତି – ରବୀନ୍ଦ୍ରନାଥ ରଥ, ସମ୍ପାଦକ – କୈଳାସ ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ – ନିରଞ୍ଜନ ଦାସ ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ଏତଦବ୍ୟତିତ କାର୍ଯ୍ୟକାରୀ କମିଟିକୁ ଐଶ୍ୱର୍ଯ୍ୟ ରଞ୍ଜନ ଜେନା ଏବଂ ମହିନ୍ଦ୍ର ସୁଆରଙ୍କୁ ମଧ୍ୟ ଚୟନ କରାଯାଇଥିବାବେଳେ ମିଡିଆସେଲ କମିଟିକୁ ଶାନ୍ତନୁ କୁମାର ମଲ୍ଲିକ, ପ୍ରତୀକ ଅନୁରାଗ ଦାସ ଓ ଗୌତମ ସାହୁଙ୍କୁ ଚୟନ କରାଯାଇଥିଲା । ଏହି ଆସୋସିଏସନ ଭବିଷ୍ୟତରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟ କରିବା ସହିତ ନାଟକ ପରିବେଷଣ କରିବ ବୋଲି ନୂତନ ସଭାପତି ଡଃ. ବେହେରା ବକ୍ତବ୍ୟ ରଖିଥିଲେ।

## ଗୁରୁ ତେଗବାହାଦୁରଙ୍କ ବଳିଦାନ ଦିବସରେ ତାଙ୍କୁ ନମନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ,୨୮।୧୧(ପିଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ଗୁରୁ ତେଗବାହାଦୁରଙ୍କ ବଳିଦାନ ଦିବସରେ ତାଙ୍କୁ ନମନ କରିଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ଗୁରୁ ତେଗ ବାହାଦୁରଙ୍କ ବଳିଦାନ ଦିବସ ଅବସରରେ ତାଙ୍କୁ କୋଟି କୋଟି ନମନ । ତାଙ୍କର ସାହସ ଓ ସିଦ୍ଧାନ୍ତ ସହିତ ଆଦର୍ଶ ପ୍ରତି ପ୍ରତି ତାଙ୍କର ସଂକଳ୍ପବଦ୍ଧତା ପାଇଁ ତାଙ୍କୁ ପ୍ରଶଂସା କରାଯାଇଥାଏ । ସେ ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ମୁଣ୍ଡ ନୂଆଇଁବାକୁ ଅସ୍ୱୀକାର କରି ଦେଇଥିଲେ। ତାଙ୍କର ଶିକ୍ଷା ଆମକୁ ପ୍ରେରଣା ଦେଇଥାଏ ।

## ଭୁବନେଶ୍ୱର, (ପି.ଏନ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ

ପୁଣ୍ୟସ୍ମୃତିରେ ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ତା।୨୮.୧୧.୨୦୨୨ରିଖ ସୋମବାର ଅପରାହ୍ଣ ୫.୩୦ ଘଟିକାରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଫେସର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଭାଷାବିତତ୍ତ୍ୱବିଦ୍ ତଥା ଷ୍ଟୋନିବ୍ରୁକ୍ ବିଶ୍ୱବିଦ୍ୟାଳୟ ନ୍ୟୁୟର୍କର ଭାରତ-ବିଦ୍ୟା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀଧର ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ମହାକାବ୍ୟରେ ଅସାଧାରଣତା ଓ ଜନଜୀବନର ମହାସଂଗମ: କୁମାରବ୍ୟାସଙ୍କ କନ୍ନଡ ମହାଭାରତ' ଶୀର୍ଷକ ବିଷୟ ଉପରେ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଓଡ଼ିଆର ପ୍ରଖ୍ୟାତ ସାରଳା ମହାଭାରତ ସମେତ ଭାରତର ଆଞ୍ଚଳିକ ଭାଷାରେ ରଚିତ ମହାଭାରତଗୁଡ଼ିକର ବିଶ୍ୱସ୍ତରୀୟ ଅନୁବାଦ ଆବଶ୍ୟକ। ଏପରି ହେଲେ ପୃଥିବୀରେ ଭାରତୀୟ ଭାଷା-ସାହିତ୍ୟର ନେତୃତ୍ୱ ପ୍ରତିଷ୍ଠିତ ହୋଇପାରିବ। ଆର୍ତ୍ତବଲ୍ଲଭଙ୍କ ପରି ସାହିତ୍ୟ ସାଧକଙ୍କ ପ୍ରତି ସମ୍ମାନ ଜଣାଇ ପ୍ରଫେସର ଶ୍ରୀଧର ତାଙ୍କୁ ପୂର୍ବ ଭାରତର ଦିଗପାଳ ବୋଲି ଅଭିହିତ କରିଥିଲେ। ମୁଖ୍ୟଅତିଥି ଭାବେଯୋଗଦେଇ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଶ୍ରୀ ରଞ୍ଜନ କୁମାରଦାସ ଏକାଡେମୀର କାର୍ଯ୍ୟକ୍ରମକୁ ଗୁଣାତ୍ମକ କରୁଥିବାରୁ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଶାସନସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶ୍ରୀ ମଧୁସୂଦନ ଦାସ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏକାଡେମୀର ସଭାପତି, ଡକ୍ଟର ହୃଷୀକେଶ ମଲ୍ଲିକ ଡକ୍ଟର ଆର୍ତ୍ତବଲ୍ଲଭଙ୍କ ସାରସ୍ୱତ ଜୀବନୀ ଉପରେ ନିଜର ଅଭିଭାଷଣରଖିଥିଲେ। ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଏକାଡେମୀର ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବହୁ ବିଦ୍ୱାନ୍ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।



## ଭିନ୍ନକ୍ଷମଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ : କଂଗ୍ରେସ



ଭୁବନେଶ୍ୱର ,(ପିଏନ): ଲୋକଦେଖାଣିଆ ଏବଂ ପ୍ରଚାର କୈନ୍ଦ୍ରୀକ ଦରଦ ଦେଖାଇବା ପରିବର୍ତ୍ତେ ସରକାର ଭିନ୍ନକ୍ଷମଙ୍କ ପ୍ରତି ନିଜର ଉତରଦାୟୀତ୍ୱ ପ୍ରଦର୍ଶନ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଭିନ୍ନକ୍ଷମ ସେଲର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ ଭିନ୍ନକ୍ଷମଙ୍କ ପ୍ରତି କ୍ରମାଗତ ଛଳନା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟରେ କେବଳ ଛଳନା ଓ ବିଜ୍ଞାପନର ସରକାର ଚାଲିଛି ବୋଲି ଆରୋପ କରି ଶ୍ରୀ ବିଶ୍ୱାଳ କହିଥିଲେ ଯେ ରାଜ୍ୟରେ ଭିନ୍ନକ୍ଷମଙ୍କ ସଂଖ୍ୟା କେତେ ଅଛି ସରକାର ତାର ସଠିକ ଗଣନା ମଧ୍ୟ କରି ନାହାଁନ୍ତି ତଥା ସେଦିଗରେ କୌଣସି ତତ୍ପରତା ମଧ୍ୟ ପ୍ରକାଶ କରୁନାହାଁନ୍ତି। ଗତ ୯ ମାସ ଧରି ଭିନ୍ନକ୍ଷମ କମିଶନ ପଦବୀ ଖାଲି ପଡ଼ିଛି ଏବଂ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାଁନ୍ତି । ସେହିପରି ମହିଳା କମିଶନ କିମ୍ବା ଏସ୍.ସି କମିଶନର ଅଧ୍ୟକ୍ଷ ପଦରେ ଯେପରି ସେହି ବର୍ଗର ପ୍ରତିନିଧିଙ୍କୁ ପ୍ରାଥମିକତା ଦିଆଯାଏ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷ ପଦବୀରେ ପ୍ରତ୍ୟକ୍ଷ ଅନୁଭୂତି ଥିବା ଜଣେ ଭିନ୍ନକ୍ଷମଙ୍କୁ ଦିଆଯିବାକୁ ସେ ଦାବି କରିଥିଲେ। କେନ୍ଦ୍ରସରକାରଙ୍କ ଏଥିନେଇ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମାବଳୀ ଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଏକ ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ପୁରୀ ଶ୍ରୀମନ୍ଦିରକୁ ଯିବାପାଇଁ ଶ୍ରୀ ବିଶ୍ୱାଳଙ୍କ ଉଦ୍ୟମରେ ମାନ୍ୟବର ଉଚ୍ଚନ୍ୟାୟଳୟ ଗତ ଫେବୃଆରୀ ମାସରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର କିମ୍ବା ଜିଲ୍ଲାପ୍ରଶାସନ ଏଥିପତି ଦୃଷ୍ଟି ଦେଉନାହାଁନ୍ତି । ସେହିପରି ପଡ଼ୋଶୀ ଛତିଶଗଡ଼ ସରକାର ଭିନ୍ନକ୍ଷମ ମାନଙ୍କୁ ଦୁଇହଜାର ଟଙ୍କା ମାସିକ ଭତା ଦେଉଥିବା ବେଳେ ଏବଂ ଦିଲ୍ଲୀ, ହରିଆନା, ଅରୁଣାଚଳ ଓ ମିଜୋରାମ ଆଦି ସରକାର ଦୁଇହଜାର ଟଙ୍କା ଦେଉଛନ୍ତି । ଅଥଚ ଆମ ରାଜ୍ୟ ସରକାର ମାତ୍ର ୫୦୦ ଟଙ୍କା ଦେଇ ଦରଦ ପଣିଆର ମିଛ ନାଟକ କରୁଛନ୍ତି ବୋଲି କହିବା ସହ ଆମ ରାଜ୍ୟ ସରକାର ମଧ୍ୟ ସର୍ବନିମ୍ନ ୨୦୦୦ ଟଙ୍କା ମାସିକ ଭତା ପ୍ରଦାନ କରିବାକୁ ଦାବୀ କରିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ପଢ଼ାଇବା ପାଇଁ ସ୍ୱତନ୍ତ୍ରକୋର୍ସ କରିଥିବା ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ରାଜ୍ୟର ସ୍କୁଲ କଲେଜରେ ନିଯୁକ୍ତି ନଦେଇ ସେମାନଙ୍କ ସହ ରାଜ୍ୟ ସରକାର ଖେଳ ଖେଳୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ରିଲିଫ ଓ ଥଇଥାନ ନିୟମାବଳୀରେ ଭିନ୍ନକ୍ଷମଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବାରମ୍ବାର ଦାବି କରାଯିବା ପରେ ଦୁଇ ଦୁଇ ଥର ଏଥିନେଇ ବୈଠକ ହୋଇଥିଲେ ମଧ୍ୟ ୨୦୧୯ ମସିହା ପରଠାରୁ ଏହା କାର୍ଯ୍ୟକାରୀ ହୋଇନପାରିବା ନବୀନ ସରକାରଙ୍କର ଆଂରିକତାର ଅଂସାରଶୂନ୍ୟତାକୁ ହିଁ ପ୍ରମାଣିତ କରୁଛି ବୋଲି ଅଭିଯୋଗ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଓ ସାଧାରଣ ସଂପାଦକ ବିସ୍ମୟ ମହାପାତ୍ର ଉପସ୍ଥିତ ଥିଲେ ଏବଂ ରାଜ୍ୟ ସରକାର ସ୍କୁଲପାଠ୍ୟକ୍ରମରେ ଭିନ୍ନକ୍ଷମଙ୍କ ପ୍ରତି ଆମ ସାମାଜିକ ଦାୟୀତ୍ୱ ଓ ଦୃଷ୍ଟିଭଙ୍ଗ ସଂପର୍କରେ ଖସଡ଼ା ଅଂଭୁକ୍ତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

## କମ୍ପାନୀ-ଶିକ୍ଷାନୁଷ୍ଠାନ ବ୍ୟବଧାନ ହ୍ରାସ ଜରୁରୀ




ଫଟୋ- ଶୁଭେନ୍ଦୁ

ଭୁବନେଶ୍ୱର,(ପି.ଏନ): ଓଡିଶାର ବଡ ବଡ କର୍ପୋରେଟ୍ ଏବଂ ଏକାଡେମୀର ଏକ ମିଳିତ ବୈଠକ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକ ୟୁରେକା ଲର୍ଣ୍ଣିଂସ ଏବଂ ଜେଟ୍‌ସ୍ମାର୍ଟ ଆଇଟି ସର୍ଭିସେସର ସିଇଓ ସୁରଜ କୁମାର ରାଜଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ଅତିଥି ଭାବେ ପ୍ରେରଣାଦାୟୀ ବକ୍ତା ଡକ୍ଟର ଅଶ୍ୱିନୀ କୁମାର ରାଜ ଏବଂ ଇସି-କାଉନସିଲ୍ ଫର୍ ଇଣ୍ଡିଆର କଂଟ୍ରି ହେଡ୍ ପୂଜା ଭି ଯୋଶୀ ଯୋଗ ଦେଇଥିଲେ। ସଂପ୍ରତି ଚତୁର୍ଥ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ଲୋକମାନେ ଆର୍ଟିଫିସିଆଲ୍ ଇଂନ୍‌ଟେଲିଜେନ୍ସ , ମେସିନ୍ ଲର୍ଣ୍ଣିଂ, ରୋବୋଟିକ୍ସ ଏବଂ ସାଇବର ସିକ୍ୟୁରିଟି ପ୍ରତି ଆକୃଷ୍ଟ ହେଉଛନ୍ତି । ଏହି ଦ୍ରୁତ ଗତିଶୀଳ ଏବଂ ପ୍ରତିଯୋଗୀତାମୂଳକ ଦୁନିଆରେ ନୂତନ ଯୁବପିଢ଼ୀ ଉଦ୍ୟୋଗ ଜଗତରେ ପ୍ରବେଶ କରିବାକୁ ତାଲିମପ୍ରାପ୍ତ ହେବା ଉଚିତ୍। ଯେହେତୁ ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛେ ସେଥିପାଇଁ ଆମକୁ ବୈଷୟିକ ଦକ୍ଷତା ବଢାଇବାକୁ ହେବ । ଅନୁସନ୍ଧାନ ଏବଂ ଗବେଷଣାର ଅଗ୍ରଗତିକୁ ଅଧିକରୁ ଅଧିକ ବୃଦ୍ଧି କରିବାକୁ ହେବ । ଶିକ୍ଷାନୁଷ୍ଠାନ ଓ ଉଦ୍ୟୋଗ ଜଗତ ମଧ୍ୟରେ ରହିଥିବା ବ୍ୟବଧାନକୁ ହ୍ରାସ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଏହା ହେଲେ ଯୁବପିଢ଼ୀ ଉପକୃତ ହେବେ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏକ ଦକ୍ଷ ଶ୍ରମଶକ୍ତି ସୃଷ୍ଟି ସମ୍ଭବ ହେବ । ଏହି ବୈଠକରେ ବିଭିନ୍ନ କର୍ପୋରେଟର ମାନବ ସମ୍ବଳ ବିଭାଗ ମୁଖ୍ୟ, ଲର୍ଣ୍ଣିଂ ଆଣ୍ଡ ଡେଭଲପମେଂଟ ମୁଖ୍ୟ, ବରିଷ୍ଠ ପରାମର୍ଶଦାତା, ଉପସଭାପତି ଏବଂ ଶିକ୍ଷାନୁଷ୍ଠାନର ପ୍ରଫେସର ନିର୍ଦ୍ଦେଶକ ଏବଂ ତାଲିମ ଓ ପ୍ଲେସମେଂଟ୍ ଅଫିସରମାନେ ଉପସ୍ଥିତ ଥିଲେ।

## ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା

ବାଲେଶ୍ୱର, ତା।୨୮-୧୧: ଜିଲ୍ଲାବାସୀଙ୍କୁ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଦାବିରେ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଦୁଇଶହ ରୁ ଊର୍ଦ୍ଧ୍ୱ ନରନାରୀ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସୋମବାର ଦିନ ଗଣଧାରଣାରେ ବସିଥିଲେ। ଜିଲ୍ଲାର ବିପର୍ଯ୍ୟସ୍ତ ସରକାରୀ ସ୍ୱାସ୍ଥ୍ୟସେବାର ପ୍ରତିକାର ଦାବିକରି ଏହି ଗଣଧାରଣାରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଗଣସଂଗଠନର ପ୍ରତିନିଧି, ନିର୍ବାଚିତ ଜନପ୍ରତିନିଧି ଏବ ବହୁ ବୁଦ୍ଧିଜୀବି ଯୋଗଦେଇ କ୍ରିୟାନୁଷ୍ଠାନ କମିଟିର ଦାବି ଓ ଆନ୍ଦୋଳନକୁ ସେମାନଙ୍କ ବକ୍ତବ୍ୟରେ ଦୃଢ଼ ସମର୍ଥନ ଜଣାଇଥିଲେ। ଧାରଣାସ୍ଥଳରୁ ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray